visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.210 Bhubaneswar Thursday September 29 2022 | ୨୫ତମ ବର୍ଷ ସଂଖ୍ୟା–୨୧୦ ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୨୯, ୨୦୨୨ | (୮ ପୃଷ୍ଠା) | ମୂଲ୍ୟ–୧.୫୦ | ₹.50 | (Air Surcharge - 0.50P) | Member-INS




କଲିକତାର ଭବାନୀପୁର ୫୮ତମ ପ୍ରସିଦ୍ଧ ଦୁର୍ଗାପୂଜା ମହୋତ୍ସବକୁ ଉଦ୍ ଘାଟନ କରୁଛନ୍ତି ମୁଖ୍ୟମନ୍ତ୍ରୀ ସୁଶ୍ରୀ ମମତା ବାନାର୍ଜୀ

## ଶିଳ୍ପପତିଙ୍କୁ ନବୀନଙ୍କ ଖୋଲା ଅଫର: ଭାଗିଦାର ହୁଅ, ଅନ୍ୟ ରାଜ୍ୟଠୁ ଅଧିକ ଦେବୁ

ଭୁବନେଶ୍ୱର,୨୮।୯(ପି.ଏନ): ନଭେମ୍ବର ୩୦ରୁ ହେବାକୁ ଥିବା ମେକ୍ ଇନ୍ ଓଡିଶା କନକ୍ଲେଭ ପୂର୍ବରୁ ଶିଳ୍ପପତିମାନଙ୍କୁ ଆକୃଷ୍ଟ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୋଲା ଅଫର ଦେଇଛନ୍ତି । ଓଡିଶାର ଶିଳ୍ପାୟନରେ ଭାଗିଦାର ହୁଅ, ଅନ୍ୟ ରାଜ୍ୟ ଯେତିକି ପ୍ରୋତ୍ସାହନ ଦେଉଥିବେ ତା'ଠୁ ଓଡିଶା ନିଶ୍ଚିତ ଭାବେ ଅଧିକ ପ୍ରୋତ୍ସାହନ ଯୋଗାଇ ଦେବ ବୋଲି ଶିଳ୍ପପତି ଓ ନିବେଶକମାନଙ୍କୁ ବ୍ୟବସାୟିକ ପ୍ରତିଶ୍ରୁତି ଦେଇଛନ୍ତି ।ଆଜି ବେଙ୍ଗାଲୁରୁରେ ଆୟୋଜିତ ଇନଭେଷ୍ଟର୍ସ ମିଟରେ ସାମିଲ ପ୍ରାୟ ୪୦୦ଜଣ ଶିଳ୍ପପତି, ବ୍ୟବସାୟିକ ପ୍ରତିନିଧି ଓ ନିବେଶକଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଓଡିଶାରେ ନିବେଶ କରି ରାଜ୍ୟର ନୂଆ ଶିଳ୍ପାୟନ ଯୁଗରେ ଆମର ଭାଗିଦାରୀ ହେବାକୁ ଆହ୍ୱାନ କରିଛନ୍ତି । ନିଯୁକ୍ତିଭିତ୍ତିକ ଶିଳ୍ପାୟନ ଅଭିବୃଦ୍ଧି ନିମନ୍ତେ ସମସ୍ତ ପ୍ରକାରର ଇକୋସିଷ୍ଟମ ଉପଲବ୍ଧ କରିବାକୁ ଓଡିଶା ପ୍ରତିଶ୍ରୁତିବଦ୍ଧ । ବ୍ୟବସାୟିକ ପ୍ରୋତ୍ସାହନ ପାଇଁ ଯଦି କୌଣସି ରାଜ୍ୟ 'ଏକ୍ସ' ସହାୟତା ଦେଉଥିବେ



ତା'ହେଲେ ଓଡିଶା ନିଶ୍ଚିତ ଭାବେ 'ଏକ୍ସ ପ୍ଲସ୍ ?' ସହାୟତା ଯୋଗାଇ ଦେବ । ଆମ ସରକାର ଏ ସଂକ୍ରାନ୍ତ ଆଲୋଚନା ପାଇଁ ସର୍ବଦା ପ୍ରସ୍ତୁତ ଅଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ସମସ୍ତଙ୍କୁ ନଭେମ୍ବର ୩୦ରୁ ଡିସେମ୍ବର ୪ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ହେବାକୁ ଥିବା ମେକ୍ ଇନ୍ ଓଡିଶା କନକ୍ଲେଭରେ ସାମିଲ ହେବାକୁ ଆମନ୍ତ୍ରଣ କରିଛନ୍ତି । ଓଡିଶାର ରୂପାନ୍ତରଣ ଯାତ୍ରାରେ ଭାଗିଦାର ହୁଅନ୍ତୁ । ଓଡିଶା ଏବେ ସବୁ କ୍ଷେତ୍ରରେ ଦ୍ରୁତଗତିରେ ବିକାଶ କରୁଛି । ଆମର ପ୍ରାକୃତିକ ସମ୍ପଦ, ଦକ୍ଷ ମାନବ ସମ୍ବଳ, ଟେକ୍ନୋଲୋଜି ଓ ମ୍ୟାନୁଫାକଚରିଂ କ୍ଷେତ୍ରରେ ବିଶ୍ୱରେ ଏକ ପ୍ରମୁଖ ଶକ୍ତି ଭାବେ ଭାରତ ଉଭା ହୋଇଛି । ଏଥିପାଇଁ ଆପଣମାନଙ୍କର ଉଦ୍ଭାବନ ଓ ଉତ୍ସାହଜନକ କାର୍ଯ୍ୟ ପ୍ରଶଂସନୀୟ । ନିବେଶ ପ୍ରସ୍ତାବକୁ କାର୍ଯ୍ୟାନ୍ୱୟନରେ ଓଡିଶାର ଟ୍ରାକ ରେକର୍ଡ ଭଲ ରହିଛି ଓ ଦେଶର ଶୀର୍ଷ ରାଜ୍ୟରେ ଓଡିଶା ସାମିଲ ଅଛି । ମେକ୍ ଇନ୍ ଓଡିଶା କନକ୍ଲେଭ ହେଉଛି ରାଜ୍ୟର ଅଭିବୃଦ୍ଧିର ସୂଚନା ଓ ନିବେଶକଙ୍କୁ ଅଫର ଦେବାର ପ୍ଲାଟଫର୍ମ ।ଏହି ନିବେଶକ ସମ୍ମିଳନୀରେ ଶିଳ୍ପ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଏବେ ଓଡିଶା ଦେଶର ନିବେଶକଙ୍କ ପ୍ରଥମ ପସନ୍ଦର ସ୍ଥାନ ପାଲଟିଥିବା ସୂଚନା ଦେବା ସହ ଓଡିଶାରେ ନିବେଶର ଅନ୍ୱେଷଣ କରିବାକୁ ଆହ୍ୱାନ ଦେଇଛନ୍ତି ।ଏହି ସମ୍ମିଳନୀରେ ଶିଳ୍ପ ସଚିବ ହେମନ୍ତ ଶର୍ମା, ଫିକି କର୍ଣ୍ଣାଟକ ଶାଖା ଅଧ୍ୟକ୍ଷ କେ ଉଲ୍ଲାସ କାମାଥ, ଆଇଟି ସଚିବ ମନୋଜ ମିଶ୍ର, ଷ୍ଟାର୍ଟଅପ୍ ଓଡିଶା କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଓମକାର ରାଏ ପ୍ରମୁଖ ଶିଳ୍ପପତି,ବ୍ୟବସାୟିକ ପ୍ରତିନିଧି ଓ ନିବେଶକଙ୍କୁ ସମ୍ବୋଧିତ କରି ଓଡିଶାରେ ପୁଞ୍ଜିନିବେଶ ପାଇଁ ଆହ୍ୱାନ କରିଥିଲେ ।ଏହାପୂର୍ବରୁ ଆଜି ଦିନରେ ମୁଖ୍ୟମନ୍ତ୍ରୀ ଶ୍ରୀପଟ୍ଟନାୟକ ଆଇବିଏମ୍ ଇଣ୍ଡିଆ ପରିଚାଳନା ସହଯୋଗୀ ଅମିତ୍ ଶର୍ମା, ୱିପ୍ରୋ-ଜେଇ ହେଲଥକେୟାର ସିଇଓ ଶ୍ରବଣ ସୁବ୍ରମଣ୍ୟମ, ଏବବି ଲିଃ ସିଏଫଓ ଟିକେ ଶ୍ରୀଧରଙ୍କ ସମେତ ମୋଟ ୨୦ଜଣ ଶିଳ୍ପପତିଙ୍କ ସହ ୱାନଟୁୱାନ୍ ବୈଠକ କରିଥିଲେ ।

## ଛାତ୍ର କଂଗ୍ରେସ ପକ୍ଷରୁ ଗଣଶିକ୍ଷାମନ୍ତ୍ରୀଙ୍କ ବାସଭବନକୁ ଅଣ୍ଡା ଟମାଟୋ ମାଡ

ଭୁବନେଶ୍ୱର, ୨୮।୯(ପି.ଏନ): ପୁରୀ ଜିଲ୍ଲା ଗୋପ ବ୍ଲକ୍ ୧୧ ନଂ ଜିଲ୍ଲା ପରିଷଦ ଜୋନ୍ ସଭ୍ୟ ତଥା ବିଜେଡି ନେତା ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁ ଘଟଣାରେ ମନ୍ତ୍ରୀଙ୍କ ସମ୍ପୃକ୍ତି ଅଭିଯୋଗରେ ଛାତ୍ର କଂଗ୍ରେସ ପ୍ରତିବାଦ କରିଛି । ବୁଧବାର ଦିନ ଛାତ୍ର କଂଗ୍ରେସ ପକ୍ଷରୁ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ୟୁନିଟ୍ ୧ ସ୍ଥିତ ବାସଭବନ ଘେରାଉ କରାଯାଇଛି । ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ କର୍ମକର୍ତ୍ତା ଫରେଷ୍ଟ ପାର୍କରୁ ଏକ ଶୋଭାଯାତ୍ରାରେ ବାହାରି ମନ୍ତ୍ରୀଙ୍କ ବାସଭବନରେ ପହଂଚିବା ପରେ ମନ୍ତ୍ରୀଙ୍କୁ ଗିରଫ ଓ ଇସ୍ତଫା ଦାବି କରି ନାରାବାଜି କରିଥିଲେ । ଏପରିକି ମନ୍ତ୍ରୀଙ୍କ ଘର ଉପରକୁ ଅଣ୍ଡା ଓ ଟମାଟୋ ମାଡ଼ କରିଛନ୍ତି ଛାତ୍ର କଂଗ୍ରେସ କର୍ମୀ । ବାସଭବନକୁ ଧସେଇ ପଶିବା ବେଳେ ପୋଲିସ ସହ ଧସ୍ତାଧସ୍ତି ପରିସ୍ଥିତି ବି ଉପୁଜିଥିଲା । ଫଳରେ ମନ୍ତ୍ରୀଙ୍କ ବାସଭବନ ସମ୍ମୁଖ ରଣକ୍ଷେତ୍ର ପାଲଟିଥିଲା । ପୋଲିସ୍ ବହୁ ବିକ୍ଷୋଭକାରୀଙ୍କୁ ଅଟକ ରଖିଛି ।ଆସନ୍ତା ୭ ଦିନ ମଧ୍ୟରେ ଏହି ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆନ୍ଦୋଳନକୁ ଅଧିକ ଜୋରଦାର କରାଯିବା ସହ ନବୀନ ନିବାସ ଘେରାଉ କରାଯିବ ବୋଲି କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି । ଛାତ୍ର କଂଗ୍ରେସ କହିଛି ଯେ ପ୍ରଥମେ ମନ୍ତ୍ରୀ ସମୀର ଦାଶ ଇସ୍ତଫା ଦିଅନ୍ତୁ । ଏହାପରେ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗର ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । କାରଣ ସମୀର ଦାଶ ମନ୍ତ୍ରୀପଦରେ ଥିବା ପର୍ଯ୍ୟନ୍ତ ଉଚିତ ତଦନ୍ତ ହୋଇପାରିବନି । ଗଣଶିକ୍ଷା ମନ୍ତ୍ରୀଙ୍କ ଏପରି କାଣ୍ଡର କୁପ୍ରଭାବ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଉପରେ ପ୍ରଭାବ ପଡ଼ିବ । ତେଣୁ ତୁରନ୍ତ ତାଙ୍କୁ ବହିଷ୍କାର କରାଯାଉ ।ସୂଚନାଯୋଗ୍ୟ ଯେ ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁକୁ ନେଇ ଆରମ୍ଭରୁ ମନ୍ତ୍ରୀ ସମୀର ଦାଶଙ୍କ ନାଁ ସାମ୍ନାକୁ ଆସିଛି । ଏହାରି ମଧ୍ୟରେ ଗତକାଲି ଧର୍ମେନ୍ଦ୍ରଙ୍କ ଏକ ଅଡିଓ ଭାଇରାଲ ହୋଇଛି । ଉକ୍ତ ଅଡିଓରେ ଧର୍ମେନ୍ଦ୍ର ସାହୁ ନିଜର ଜଣେ ବନ୍ଧୁଙ୍କ ସହ କଥା ହେବା ବେଳେ ମନ୍ତ୍ରୀ ସମୀର ଦାଶ ତାଙ୍କୁ ବହୁତ ମାନସିକ ନିର୍ଯାତନା ଦେଉଥିବା କହୁଥିବା ଶୁଣିବାକୁ ମିଳୁଛି । ଏପରିକି ଆତ୍ମହତ୍ୟା କଲେ ଏହା ପଛରେ ସମୀର ଦାଶ ଦାୟୀ ବୋଲି ସ୍ପଷ୍ଟ ଭାବ କହୁଛନ୍ତି । ଏହାବାଦ ଧର୍ମେନ୍ଦ୍ର ସାହୁ ନିଜ ପତ୍ନୀ , ଶ୍ୱଶୁର ଓ ଜଣେ କଂଟ୍ରାକ୍ଟରଙ୍କ ନାଁ ମଧ୍ୟ ନେଇଛନ୍ତି ।

## ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ମାମଲା: ରାଜ୍ୟ ସରକାରଙ୍କୁ ଜବାବ ମାଗିଲେ ହାଇକୋର୍ଟ

କଟକ ,୨୮।୯(ପି.ଏନ): ଗାଡିରେ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ଲଗାଇବା ଓ ଯାଞ୍ଚ ବ୍ୟବସ୍ଥାକୁ ସରକାର କଡାକଡି କାର୍ଯ୍ୟକାରୀ କରିବା ନେଇ ପରିବହନ ବିଭାଗ ଠାରୁ ଜବାବ ମାଗିଲେ ହାଇକୋର୍ଟ । ଏଭଳି ନମ୍ବର ପ୍ଲେଟ ଲଗାଇବା ନିମନ୍ତେ ସରକାର ନିର୍ଦ୍ଧାରିତ କରି ?ଥିବା ସମୟସୀମାକୁ ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିବା ସହ ଜବାବ ଦେବାକୁ କହିଛନ୍ତି । ଆବଶ୍ୟକୀୟ ଭିତ୍ତିଭୂମି ବିନା ଏହାକୁ ଲାଗୁ କରିବା କେତେ ଦୂର ଠିକ୍, ସମୟସୀମା ଆଉ ବଢ଼ାଯାଇ ପାରିବ କି ନାହିଁ, ଏହାର ଅନ୍ୟ କ'ଣ ବିକଳ୍ପ ରହିଛି, ସେ ନେଇ ସରକାରଙ୍କ ଠାରୁ ଜବାବ ଲୋଡିଛନ୍ତି ହାଇକୋର୍ଟ । ସରକାରୀ ଓକିଲଙ୍କୁ ଏ ବାବଦରେ ତଥ୍ୟ ଦେବାକୁ ହାଇକୋର୍ଟ କହିଛନ୍ତି ।ଏଥିସହ ଆବଶ୍ୟକୀୟ ଭିତ୍ତିଭୂମି ନଥାଇ ଡେଡ୍ ଲାଇନକୁ ନାପସନ୍ଦ କରିଛନ୍ତି ହାଇକୋର୍ଟ । ରାଜ୍ୟର ସମସ୍ତ ଲୋକଙ୍କ ପାଖରେ ଅନଲାଇନ ବ୍ୟବସ୍ଥା ନଥିବା କାରଣରୁ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ବୁକ କରିବା ସମ୍ଭବ ମଧ୍ୟ ହେଉନାହିଁ ।



ତେବେ ଏଥିପାଇଁ କଣ ବିକଳ୍ପ ବ୍ୟବସ୍ଥା କରାଯିବ ସେ ନେଇ ଅବଗତ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ । ଆସନ୍ତା ୩୦ ସେପ୍ଟେମ୍ବରରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି କୋର୍ଟ ।ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ଲାଗୁ କରାଯିବାକୁ ବିରୋଧ କରି ଦାୟର ଦୁଇଟି ମାମଲାରେ ହାଇକୋର୍ଟ ଏହି ନୋଟିସ ଜାରି କରିଛନ୍ତି । ନମ୍ବର ପ୍ଲେଟ ମାମଲା ନେଇ ହାଇକୋର୍ଟ ଯାଇଥିଲେ ୨ ଜଣ ବସ୍ ମାଲିକ । ଆବେଦନକାରୀଙ୍କ ଓକିଲ କାଜଲ ସାହୁ କହିଛନ୍ତି, ଭିତ୍ତିଭୂମି ନଥିବା ଓ ଗାଡ଼ି ଚାଳକମାନେ ସ୍ଲଟ୍ ବୁକିଂ କରିବାରେ ଅସୁବିଧାର ସମ୍ମୁଖୀନ ହେଉଥବାରୁ ସମୟସୀମା ବୃଦ୍ଧି କରିହେବ କି ନାହିଁ ସେ ସମ୍ପର୍କରେ ଜଣାଇବାକୁ ପରିବହନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ । ଭିତ୍ତିଭୂମି ନଥାଇ ଡେଡଲାଇନ୍ କିଭଳି ଦେଲ ବୋଲି କୋର୍ଟ ପଚାରିଛନ୍ତି । ତା'ଛଡ଼ା ରାଜ୍ୟର ସମସ୍ତ ଲୋକଙ୍କ ପାଖରେ ଅନଲାଇନ୍ ବ୍ୟବସ୍ଥା ନଥିବାରୁ ନୂଆ ନମ୍ବର ପ୍ଲେଟ୍ ବୁକ୍ କରିବା ସମ୍ଭବ ହେଉନାହଁ । ଏଥିପାଇଁ କଣ ବିକଳ୍ପ ବ୍ୟବସ୍ଥା କରାଯାଇ ପାରିବ ସେ ନେଇ ଅବଗତ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚ଼ନା ଥାଉକି, ଅକ୍ଟୋବର ପହିଲାରୁ ହାଇ ସିକ୍ୟୁରିଟ ନମ୍ବର ପ୍ଲେଟ ଚେକିଂ କଡାକଡି କରିବାକୁ ପରିବହନ ବିଭାଗର ନିଷ୍ପତ୍ତି ନେଇଛି । ଯାହାକୁ ବିଭିନ୍ନ ମହଲରୁ ପ୍ରତିବାଦ କରାଯାଇଛି । କାରଣ କେଉଁଠି ସ୍ଲଟ୍ ବୁକିଂ ହୋଇପାରୁନି ତ ଆଉ କେଉଁଠି ନେଟ୍ୱର୍କ ସମସ୍ୟା । ହାତରେ ଆଉ ମାତ୍ର ୨ ଦିନ ଥିବାରୁ, ଏଭଳି ପରିସ୍ଥିତିରେ କିଭଳି ନୂଆ ନମ୍ବର ପ୍ଲେଟ ଆବେଦନ କରିବେ, ସେ ଚିନ୍ତାରେ ଗ୍ରାହକ ।ଆସନ୍ତା ୩୦ ତାରିଖରେ ୧, ୨, ୩ ଓ ୪ ଶେଷ ନମ୍ବର ଥିବା ଗାଡ଼ି ଗୁଡ଼ିକର ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ଲଗାଇବା ଅବଧି ଶେଷ ହେଉଛି । ଏହାପରେ କଡ଼ାକଡ଼ି ଯାଞ୍ଚ କରାଯାଇ ଫାଇନ୍ ଆଦାୟ ହେବ ବୋଲି ପୂର୍ବରୁ ପରିବହନ ବିଭାଗ ସ୍ପଷ୍ଟ କରିସାରିଛି । ତେବେ ନୂଆ ନମ୍ବର ପ୍ଲେଟ୍ ଲଗାଇ ନ ଥିଲେ ମଧ୍ୟ ଏଥିପାଇଁ ସ୍ଲଟ୍ ବୁକ୍ କରିଥିଲେ ଫାଇନ୍ ପଡ଼ିବ ନାହିଁ ବୋଲି ସ୍ପଷ୍ଟ କରାଯାଇଛି ।

## ମହର୍ଷି ପବ୍ଲିକ ସ୍କୁଲ ଅଧ୍ୟକ୍ଷଙ୍କ ବିୟୋଗ

ବାରିପଦା,୨୮।୯(ପି.ଏନ): ବାରିପଦା ବାଘରାରୋଡ଼ ସ୍ଥିତ ମହର୍ଷି ପବ୍ଲିସ୍କୁଲର ଅଧ୍ୟକ୍ଷ ଶ୍ରୀ ଗଣେଶ୍ୱର ସାହୁଙ୍କ ପୂର୍ଣ୍ଣଚନ୍ଦ୍ରପୁରସ୍ଥିତ ତାଙ୍କ ବାସଭବନରେ ଦେହାନ୍ତ ହୋଇଯାଛି । ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ, ବୋହୂ, ନାତି, ନାତୁଣି,ପୁଅ, ଝିଅ ଓ ପରିବାରବର୍ଗ ଉପସ୍ଥିତ ଥିଲେ । ତାଙ୍କ ବିୟୋଗରେ ମହର୍ଷି ପବ୍ଲିକ୍ସ୍କୁଲ ସମୂହର ଅଧ୍ୟକ୍ଷ ଡକ୍ଟର ପବିତ୍ର ମୋହନ ସାମନ୍ତରାୟ, ପରିଚାଳନା କମିଟି ସଭାପତି ଶ୍ରୀ ପ୍ରଦୀପ କୁମାର ନାୟକ, କୋଷାଧ୍ୟକ୍ଷ ତଥା ପରିଚାଳକ ଶ୍ରୀ



ଅଶୋକ କୁମାର କର ଓ ଅନ୍ୟାନ୍ୟ ବିଶେଷ ବ୍ୟକ୍ତି ବୃନ୍ଦ ଗଭୀର ଶୋକ ପ୍ରକାଶ କରିବା ସହ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି ।

## ଆସନ୍ତାକାଲି ଦୁଇ ଦିନିଆ ଓଡିଶା ଗସ୍ତରେ ଆସିବେ ଜେପି ନଡ୍ଡା

ଭୁବନେଶ୍ୱର, ୨୮।୯(ପି.ଏନ): ଆସନ୍ତାକାଲି (ଗୁରୁବାର) ଦିନ ଦୁଇ ଦିନିଆ ଓଡିଶା ଗସ୍ତରେ ଆସୁଛନ୍ତି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା । ଦୁଇ ଦିନିଆ ଗସ୍ତ ଅବସରରେ ଶ୍ରୀ ନଡ୍ଡା ରାଜ୍ୟର ସମସ୍ତ ଶକ୍ତିକେନ୍ଦ୍ର ଓ ମୋର୍ଚ୍ଚାର ଜିଲ୍ଲାସ୍ତରୀୟ ନେତୃବୃନ୍ଦଙ୍କ ସହ ଆଲୋଚନା କରିବେ । ଶ୍ରୀ ନଡ୍ଡା ୨୯ ତାରିଖ ଦିନ ୧୦ଟାରେ ଭୁବନେଶ୍ୱର ବିମାନବନ୍ଦରରେ ପହଁଚିବା ପରେ ଏକ ଶୋଭାଯାତ୍ରାରେ ସିଧାସଳଖ ରାଜ୍ୟ କାର୍ଯ୍ୟାଳୟକୁ ଆସିବେ । ଏହାପରେ ଦିନ ୧୧ଘଟିକାରେ ଜନତା ମଇଦାନରେ ଓଡିଶାର ପ୍ରତ୍ୟେକ ଶକ୍ତିକେନ୍ଦ୍ରର ପ୍ରମୁଖମାନଙ୍କୁ ନେଇ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକର୍ତ୍ତା ସମ୍ମଳନୀରେ ଯୋଗଦେବେ । ଏହା ପରେ ଶ୍ରୀ ନଡ୍ଡା ରାଜ୍ୟର ସମସ୍ତ ସାଂସଦ, ବିଧାୟକ, ପଦାଧିକାରୀ, ଜିଲ୍ଲା ସଭାପତି ଓ ପ୍ରଭାରୀମାନଙ୍କ ସହ ଆଲୋଚନା କରିବା ପରେ ସଂଧ୍ୟାରେ ପୁରୀ ଗସ୍ତ କରି ରାତ୍ରୀଯାପନ କରିବାର କାର୍ଯ୍ୟକ୍ରମ ରହିଛି ।ସେହିପରି ଦ୍ୱିତୀୟ ଦିନରେ ଶ୍ରୀ ନଡ୍ଡା ୩୦ ତାରିଖ ସକାଳେ ପୁରୀଠାରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଦର୍ଶନ କରିବେ ।

## ଚିଂଗୁଡି ପ୍ଲାଣ୍ଟରେ ଗ୍ୟାସ୍ ଲିକ୍, ସୁସ୍ଥ ହୋଇ ଘରକୁ ଗଲେ ଅର୍ଦ୍ଧାଧିକ

ବାଲେଶ୍ୱର ,୨୮।୯(ପି.ଏନ): ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ାର ଏକ ଚିଂଗୁଡି ପ୍ଲାଣ୍ଟରେ ଆମୋନିଆ ଗ୍ୟାସ୍ ଲିକ୍ ହୋଇ ବହୁ କର୍ମଚାରୀ ଅସୁସ୍ଥ ହେବା ପରେ ସେମାନଙ୍କୁ ଖନ୍ତାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ ସେଠାରୁ ଗୁରୁତର ୧୨ ଜଣଙ୍କୁ ବାଲେଶ୍ୱର ଜିଲ୍ଲା ଡାକ୍ତରଖାନାରେ ସ୍ଥାନାନ୍ତର କରାଯାଇଛି । ଅନ୍ୟମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଘରକୁ ଛାଡି ଦିଆଯାଇଛି । ଅସୁସ୍ଥଙ୍କ ମଧ୍ୟରେ ଅଧିକାଂଶ ମହିଳା ଅଛନ୍ତି ।ଫ୍ୟାକ୍ଟ୍ରିରେ ଚିଂଗୁଡି ଫ୍ରିଜିଂ ଓ ପ୍ରୋସେସିଂ ନିମନ୍ତେ ବ୍ୟବହାର ହେଉଥିବା ଆମୋନିଆ ଗ୍ୟାସ୍ ଲିକ୍ ହୋଇଥିବା ଜଣାପଡିଛି । ଆଜି ସନ୍ଧ୍ୟା ପ୍ରାୟ ସାଢ଼େ ୬ଟା ବେଳେ ଏହି ଘଟଣା ଘଟିଛି । ଅସୁସ୍ଥମାନଙ୍କୁ ଡାକ୍ତରଖାନା ଅଣାଯିବା ପରେ ଘଟଣା ସମ୍ପର୍କରେ ଜଣାପଡିଥିଲା ।ଏନେଇ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଦୁଲାଲ ସିଂହ ଜଗଦେବ କହିଛନ୍ତି, ଆଜି ସନ୍ଧ୍ୟାରେ ଏ ସମ୍ପର୍କରେ ସେ ସୂଚନା



ପାଇଥିଲେ । ପ୍ଲାଣ୍ଟରେ ଥିବା ୨୮ ଜଣ କର୍ମଚାରୀ ଅସୁସ୍ଥ ହୋଇ ଖନ୍ତାପଡାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ତେବେ ସେଠାରୁ ଗୁରୁତର ଥିବା ୧୨ ଜଣଙ୍କୁ ବାଲେଶ୍ୱରକୁ ସ୍ଥାନାନ୍ତର କରାଯାଇଛି । ଅନ୍ୟମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଖନ୍ତାପଡା ଡାକ୍ତରଖାନାରୁ ଘରକୁ ଛାଡି ଦିଆଯାଇଛି । ବାଲେଶ୍ୱର ଜିଲ୍ଲା ଡାକ୍ତରଖାନାରେ ମଧ୍ୟ ପହଞ୍ଚିଥିବା ଅସୁସ୍ଥମାନଙ୍କ ମଧ୍ୟରୁ ୪ ଜଣଙ୍କୁ ଚିକିତ୍ସା ପରେ ଘରକୁ ଛାଡି ଦିଆଯାଇଛି । ଚିକିତ୍ସାଧୀନ ସମସ୍ତ ବ୍ୟକ୍ତି ସୁସ୍ଥ ଅଛନ୍ତି । ସେମାନଙ୍କ ଜୀବନ ପ୍ରତି ବିପଦ ନାହିଁ । ଯେହେତୁ ଅମୋନିଆ ଗ୍ୟାସ୍ ଲିକ୍ ପରିମାଣ ଖୁବ୍ କମ୍ ଥିଲା, ତେଣୁ ଏହାର ପ୍ରଭାବ କର୍ମଚାରୀଙ୍କ ଉପରେ ବିଶେଷ ପଡିନି । ଯେଉଁମାନେ ଚିକିତ୍ସିତ ହେଉଛନ୍ତି, ସେମାନଙ୍କ ନିମନ୍ତେ ସ୍ୱତନ୍ତ୍ର ଶଯ୍ୟା ବ୍ୟବସ୍ଥା କରାଯାଇଛି । ଆଇସିୟୁ ମଧ୍ୟ ପ୍ରସ୍ତୁତ ରହିଛି । ଆସନ୍ତାକାଲି ଚିକିତ୍ସିତ ହେଉଥିବା ବ୍ୟକ୍ତିମାନଙ୍କ ରକ୍ତ ଓ ଅନ୍ୟାନ୍ୟ ପରୀକ୍ଷା କରିବା ପରେ ସୁସ୍ଥ ଥିଲେ ଘରକୁ ଛାଡି ଦିଆଯିବ ।ଅନ୍ୟପକ୍ଷରେ ଏହି ଘଟଣା ନେଇ ପ୍ଲାଣ୍ଟ କର୍ତ୍ତୃପକ୍ଷ କୌଣସି ପ୍ରତିକ୍ରିୟା ମିଳିପାରିନି । ତେବେ ପ୍ଲାଣ୍ଟର ମେଣ୍ଟେନାନ୍ସ କାମ ଚାଲିଥିବା ବେଳେ ଅଘଟଣ ଘଟିଥିବା ସୂଚନା ମିଳିଛି ।ସୂଚନା ଥାଉକି, ୨୦୧୯ ନଭେମ୍ବର ୧୩ ତାରିଖରେ ଖନ୍ତାପଡାର ପଣପଣା ପାଖରେ ଥିବା ଏକ ଚିଂଗୁଡି ପ୍ଲାଣ୍ଟରେ ମଧ୍ୟ ଏଭଳି ଏକ ଅଘଟଣ ଘଟି ପ୍ରାୟ ଶହେ ଜଣ ଅସୁସ୍ଥ ହୋଇଥିଲେ ।

## ୧ରୁ ଉପକୂଳରେ ବର୍ଷିବ

ଭୁବନେଶ୍ୱର ,୨୮।୯(ପି.ଏନ): ଆସନ୍ତା ୧ ଅକ୍ଟୋବର ବେଳକୁ ଉତର-ପୂର୍ବ ତତସଂଲଗ୍ନ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳକୁ ଏକ ଘୂର୍ଣ୍ଣିବଳୟ ପ୍ରବେଶ କରିବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ୧ ତାରିଖ ବେଳକୁ ଉତର-ଉପକୂଳରେ ବର୍ଷାର ପରିମାଣ ବୃଦ୍ଧି ପାଇବ । ସେହିପରି ୨ ତାରିଖକୁ ବର୍ଷାର ବିସ୍ତୃତି ବଢିବ । ଫଳରେ ସମ୍ପୂର୍ଣ୍ଣ ଉପକୂଳ ଓଡିଶା ପ୍ରଭାବିତ ହେବ । ଏହା ବ୍ୟତୀତ ଅକ୍ଟୋବର ୩ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିବ ।ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି । ଜାରି ହୋଇଥିବା ସତର୍କ ସୂଚନା ମୁତାବକ ଆସନ୍ତା ୨୪ ଘଂଟା ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡା, କଳାହାଣ୍ଡି, କନ୍ଧମାଳ, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଂଜ, ଦେବଗଡ, ବାଲେଶ୍ୱର, ଭଦ୍ରକ ପ୍ରଭୃତି ଜିଲ୍ଲାଗୁଡ଼ିକର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା/ବଜ୍ରପାତ ହେବାର ସମ୍ଭାବନା ରହିଛି । ଏହି ସମସ୍ତ ଜିଲ୍ଲା ପାଇଁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି ।

## ୧ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ବ୍ରାଉନସୁଗାର ଜବତ, ଜଣେ ଗିରଫ

ଭୁବନେଶ୍ୱର, ୨୮।୯(ପି.ଏନ): ରାଜଧାନୀ ଉପକଣ୍ଠରୁ ଏକ କୋଟିରୁ ଅଧିକ ଟଙ୍କାର ବ୍ରାଉନସୁଗାର ଜବତ ହୋଇଛି । ଏହି ମାମଲାରେ ଜଣେ ଯୁବକଙ୍କୁ ଗିରଫ କରାଯାଇଛି । ଗିରଫ ବ୍ୟକ୍ତି ଜଣକ ଭୁବନେଶ୍ୱର କ୍ୟାପିଟାଲ ଥାନା ଅନ୍ତର୍ଗତ ଫରେଷ୍ଟ ପାର୍କ ଅଂଚଳର ଉମେଶ ବେହେରା(୨୪) । ସେ ଏକ ହୋଣ୍ଡା କାର୍ (ଓଡି୦୨ବିଏଚ ୭୬୯୫)ରେ ବ୍ରାଉନସୁଗାର ବିକ୍ରି କରିବା ଉଦ୍ଦେଶ୍ୟରେ ଆଣି ଆସୁଥିଲେ । ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦା ଓ ଜଟଣୀ ରୋଡ୍ ରେ ଚଢ଼ାଉ କରି ଏସ୍ ଟିଏଫ୍ ଓ କମିଶନରେଟ୍ ପୋଲିସର ମିଳିତ ଟିମ୍ ଏହି ବ୍ୟକ୍ତିଙ୍କୁ ଗିରଫ କରିଛି । ଉମେଶଙ୍କ ନିକଟରୁ ପ୍ରାୟ ୧ କିଲୋ ୫୦ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି । ଏହାସହ ଉକ୍ତ କାର୍ କୁ ଜବତ କରାଯାଇଛି । ଗତକାଲି ଏ ଚଢ଼ାଉ କରାଯାଇଥିବା ସମ୍ପର୍କରେ ଏସ୍ଟିଏଫ୍ ଆଜି ସୂଚନା ଦେଇଛି । ଗିରଫ ଉମେଶଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏସ୍ଟିଏଫ୍ ପକ୍ଷରୁ କୁହାଯାଇଛି, ଗତକାଲି ସନ୍ଧ୍ୟାରେ ଏକ କାରରେ ବ୍ରାଉନସୁଗାର ନେଇ କିଛି ବ୍ୟକ୍ତି ଜଟଣୀରୁ ଭୁବନେଶ୍ୱର ଆସୁଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା ଏବଂ ଚଢ଼ାଉ କରାଯାଇଥିଲା । ସୁନ୍ଦରପଦା-ଜଟଣୀ ରାସ୍ତାର ହାଇଟେକ୍ ପ୍ଲାଜା ଠାରେ ଏକ କାରକୁ ପୋଲିସ ଅଟକାଇଥିଲା । ହେଲେ କାର ଚଳାଉଥିବା ଚାଳକ ତଥା ଗାଡ଼ି ମାଲିକ କୌଶଳ କ୍ରମେ ଘଟଣାସ୍ଥଳରୁ ଖସି ପଳାଇଥିଲା । ତେବେ କାରରେ ଥିବା ଅନ୍ୟଜଣେ ବ୍ୟକ୍ତି ଉମେଶଙ୍କୁ ପୁଲିସ କାବୁ କରି ନେଇଥିଲା । ତାଙ୍କ ନିକଟରୁ ବ୍ରାଉନସୁଗାର ଜବତ କରାଯାଇଛି ।








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ



ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜୁତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଷ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୁପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତ୍ରୁଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ ଭଗବାନ ବି୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବଣକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଷ୍ୟୋଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯଷ୍ୟଟକଙ୍କ ଭିଡ। ଏହି ଉଦେଷ୍ୟୋଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯଷ୍ୟରେ ସାହାଯଷ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ। ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଷ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଷ୍ୟତୀତ ଅନଷ୍ୟ ରାଜଷ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଷ୍ୟାରେ ପର୍ଯଷ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯଷ୍ୟଟକଙ୍କ ବର୍ଦ୍ଧିତ ସଂଖଷ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ୱଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଷ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯଷ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଷ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଷ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଷ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଷ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯଷ୍ୟଟକଙ୍କ ଭିଡକୁ ଲକ୍ଷଷ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଷ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଷ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଷ୍ୟତି ହେବି ନାହିଁ।



# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର



ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଷ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଷ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର ନିର୍ମାଣ କାର୍ଯଷ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଷ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଷ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଷ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଣ୍ଷ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍କୁ ପ୍ରଥମେ ଜର୍ମାନଠାରେ ଷ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

ସଂ ଗଚ୍ଛଧ୍ବଂ ସଂ ବଦଧ୍ବଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ସେପ୍ଟେମ୍ବର ୨୯

# ଜୀବନ କ'ଣ ?



'ପୁନରପି ଜନମମ୍ ପୁନରପି ମରଣମ୍/ପୁନରପି ଜନନୀ ଜଠରେ ଶୟନମ୍'-ଏହା ହେଉଛି ଭାରତୀୟ ଚେତନାର ମୂଳକଥା । ଏଠାରେ ମୃତ୍ୟୁ ଜୀବନର ଅନ୍ତିମ ବିନ୍ଦୁ ନୁହେଁ ବରଂ ଏହାକୁ ନୂତନ ପ୍ରବେଶ ଦ୍ୱାର ଭାବରେ ଗ୍ରହଣ କରାଯାଇଥାଏ । ଲୋକାନୁଭୂତିରେ ମଧ୍ୟ ଏହି ସତ୍ୟର ପ୍ରତିଫଳନ ବେଶ୍ ସୁସ୍ପଷ୍ଟ । ତେଣୁ ତ ଜୀବନ ଓ ଜଗତର ସତ୍ୟକୁ ଉନ୍ମୋଚନ କରିବାକୁ ଯାଇ କୋମଳମତି ଶିଶୁ ଆଗରେ ଆଇମା' କହେ- 'ମୋ କଥାଟି ସରିଲା, ଫୁଲ ଗଛଟି ମରିଲା' । କିନ୍ତୁ ନା' ଏଠି କଥା ସରେ, ନା' ଫୁଲଗଛ ମରେ । ପ୍ରଶ୍ନବାଚୀରୁ ଆରମ୍ଭ ହୁଏ-'ହଇରେ ଫୁଲଗଛ ତୁ କାହିଁକି ମଲୁ ?'ଏହି ପ୍ରଶ୍ନବାଚୀ ଏହି ଅନ୍ୱେଷାର ସୂତ୍ର ଅଦ୍ୟାବଧି ଖୋଜା ଚାଲିଛି ।

ଏଠାରେ କହିରଖେ ଭାରତୀୟ ଦର୍ଶନରେ ଯୁଗେ ଯୁଗେ ମାନବ ହେଉଛି ଅନ୍ୱେଷା ପଥର ପଥିକ । ଏହି ଅନ୍ୱେଷା ନାଭିରୁ ନଭ ପର୍ଯ୍ୟନ୍ତ ପରିବ୍ୟାପ୍ତ । ଦିନେ ଭାରତୀୟ ଜୀବନଧାରାରେ ନଚିକେତା ଜୀବନର ସତ୍ୟ ଅନ୍ୱେଷଣରେ ଯମାଳୟକୁ ଗମନ କରିଥିବା କଥା ଉପନିଷଦ କହେ । ନଚିକେତାଠାରୁ ଏପରି ପ୍ରଶ୍ନ ଭାରତୀୟ ପରମ୍ପରାରେ ଅଦ୍ୟାବଧି ଅନୁରଣିତ ହୋଇଆସିଛି । ଏହି ଅନୁତ୍ତରିତ ଉତ୍ତର ଭିତରେ ଭାରତୀୟ ଜୀବନଯାତ୍ରାର ମହତ୍ତ୍ୱ ପ୍ରକଟିତ ହୋଇଛି । ପ୍ରକୃତରେ ଭାରତୀୟ ଜୀବନଧାରାରେ ଜୀବନ ହେଉଛି ଏକ ମହାଯାତ୍ରାର ଇତିବୃତ୍ତ । ଏ ଯାତ୍ରାଭିସାର ଅନ୍ଧ ହାତୀ ଦେଖିଲା ଭଳି । ଶୁଣ୍ଢରେ ପହଞ୍ଚିଲେ – ଶୁଣ୍ଢ ସତ୍ୟ କିମ୍ବା ଲାଞ୍ଜରେ ପହଞ୍ଚିଲେ ଲାଞ୍ଜ ସତ୍ୟ । ବାସ୍ତବିକ୍ କହିବାକୁ ଗଲେ ଭାରତୀୟ ସଂସ୍କୃତି ବିଶ୍ୱଜୀବନକୁ କରିଛି ସମୃଦ୍ଧ । ଜୀବନର ମୌଳିକ ପ୍ରଶ୍ନ ଉପରେ ଅନୁସନ୍ଧାନ ଭାରତବର୍ଷ ଭଳି ଅନ୍ୟ କୌଣସି ରାଷ୍ଟ୍ର ଏତେ ନିଷ୍ଠାର ସହ କରିପାରିନାହିଁ । ଭାରତୀୟ ପରମ୍ପରାର ନିର୍ମାତା ହେଉଛନ୍ତି ଏହି ସିଦ୍ଧ ସାଧକ ଗୋଷ୍ଠୀ । ସେମାନଙ୍କ ଅନୁଭୂତିଲବ୍ଧ ପ୍ରେରଣା ହିଁ ଏ ଜାତିକୁ ପ୍ରତ୍ୟେକ କ୍ଷେତ୍ରରେ ମହନୀୟ କରି ଗଢ଼ିତୋଳିଛି । ଏହା ସ୍ଥୂଳ ନଶ୍ୱର ଅସ୍ତିତ୍ୱ ଭିତରେ ସୀମାବଦ୍ଧ ହୋଇନାହିଁ । ଜୀବନର ରହସ୍ୟ ଉଦ୍‌ଘାଟନ ସହ ଆତ୍ମ-ଆବିଷ୍କାର ନିମନ୍ତେ ବହୁ ଉତ୍‌ଥାନ-ପତନ ଭିତରେ ଅନ୍ୱେଷଣର ମାର୍ଗ ଅବ୍ୟାହତ ରହିଛି । ମାନବର ଆଚରଣ ଓ ଉଚ୍ଚାରଣ ଏକ ଚୂଡ଼ାନ୍ତ ମୂଲ୍ୟବୋଧ ଉପରେ ବିଶ୍ୱାସ ରଖି ଅଭ୍ୟୁଦୟ ପଥରେ ଅଗ୍ରସର ହେବା ସହ ଉତ୍ତରଣ ପଥକୁ ପ୍ରସାରିତ କରିଛି ।

ପ୍ରକୃତପକ୍ଷେ କହିବାକୁ ଗଲେ ଭାରତବର୍ଷ କେବଳ ଭୌଗୋଳିକ ସୀମା ବା ଇତିହାସର ଘଟଣାଚକ୍ର ଭିତରେ ଦୈବାତ୍ ଜନ୍ମଗ୍ରହଣ କରିଥିବା ଏକ ଜନପଦ ନୁହେଁ । ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଭାରତବର୍ଷର ଅର୍ଥ ବହୁ ବ୍ୟାପକ ଓ ସଂପୂର୍ଣ୍ଣ ଭିନ୍ନ । ବାସ୍ତବିକ ଭାରତବର୍ଷ ଏକ ପ୍ରତୀକ । ବିବର୍ତ୍ତିତ ଭବ୍ୟ ଧରିତ୍ରୀର ଅବଧାରିତ ଗୁରୁ । ଏଠାରେ ଆତ୍ମଜାଗୃତି ମାଧ୍ୟମରେ ଉଚ୍ଚତର ଚେତନା ଲାଭ କରିବା ହେଉଛି ଜୀବନର ଚରମ ଲକ୍ଷ୍ୟ । ତେଣୁ କଠୋପନିଷଦ କହେ-*"ଆତ୍ମାନ୍ ରଥିନଂବିଦ୍ଧି ଶରୀର ରଥମେବତୁ/ବୁଦ୍ଧିଂତୁ ସାରଥିଂ ବିଦ୍ଧିମନଃ ପ୍ରଗହମେବଚ ।"* ଅର୍ଥାତ୍ ତୁମେ ଆତ୍ମାକୁ ରଥୀ ଏବଂ ଶରୀରକୁ ରଥ ମନେକରିବା ସହ ବୁଦ୍ଧିକୁ ସାରଥି ଓ ମନକୁ ପ୍ରଗହ ବା ଲଗାମ୍ ମନେ କର ।

ପରିଶେଷରେ କେବଳ ଏତିକି କହିବି- ଜୀବନ ଏକ ଜ୍ୟାମିତିକ ଜଟିଳ ଉପପାଦ୍ୟ । ଜୀବନର ଅର୍ଥ ସନ୍ଧାନରେ ମାନବର ପ୍ରତ୍ୟହ ଭେଟ ହୁଏ ଭିନ୍ନ ଭିନ୍ନ ସମସ୍ୟା ସହ । ସେ ପ୍ରତିକୂଳତା ଭିତରେ ସଂଗ୍ରାମ କରି କରି ଅମୃତ ପଥର ପଥିକ ସାଜେ; କିନ୍ତୁ ଜୀବନର ହଳାହଳ ହିଁ ତାକୁ ମହାନ୍ କରି ଗଢ଼ିତୋଳିବା ସହ ବଞ୍ଚିବାର ମନ୍ତ୍ର ଶିଖାଇଥାଏ ।

# ପରିବର୍ତ୍ତିତ ଜୀବନଚିତ୍ର

ଭୂଗର୍ଭରୁ ମାତୃଗର୍ଭକୁ ଏବଂ ମାତୃଗର୍ଭରୁ ଭୂଗର୍ଭକୁ ଯାତ୍ରା କରିବା ଭିତରେ ଜୀବନଟିଏ ଗଢ଼ିଉଠେ । ଭାରତୀୟ ଦର୍ଶନରେ ମଣିଷ ବଦଳେ କିନ୍ତୁ ମାଟି ବଦଳେ ନାହିଁ କିମ୍ବା ମାଟିରୁ ଜନ୍ମଲାଭ କରୁଥିବା ସାଂସ୍କୃତିକ ବାର୍ତ୍ତା ପରିବର୍ତ୍ତିତ ହୁଏ ନାହିଁ । ଚିହ୍ନାମାଟିର ସନ୍ତାନ ବାହ୍ୟ ଔଜ୍ଜ୍ୱଲ୍ୟରେ ଅନ୍ଧ ହୋଇ କ୍ରମେ ଅଚିହ୍ନା ମନେହୁଅନ୍ତି । ଚିହ୍ନାମାଟିରେ ପାଦ ଥାପି ମଣିଷ ପରଖି ପରଖି ନିଜେ ହିଁ ବିଷଣ୍ଣତାରେ ପୋତି ହୋଇପଡ଼ନ୍ତି । ଏହାହିଁ ହୋଇଛି ସାଂପ୍ରତିକ କାଳର ଏକ ନିଖୁଣ ସତ୍ୟ । ଏକଦା ସାମୂହିକ ସୂତ୍ରରେ ଆବଦ୍ଧ ମଣିଷ ପାଇଁ ସୁଖଦୁଃଖ ଉଭୟ ଥିଲା ସାମୂହିକ । ଆଜି କିନ୍ତୁ ପ୍ରତିଷ୍ଠା ଓ ପ୍ରାଚୁର୍ଯ୍ୟ ପଛରେ ପାଗଳ ମଣିଷ ଆପଣାର ସ୍ୱାର୍ଥର ପରିଧି ଭିତରେ ସଂପୂର୍ଣ୍ଣ ରୂପେ ବନ୍ଦୀ । ଗ୍ରାମର ଉତ୍ସବମୁଖର ପରିବେଶ ନାହିଁ; ନାହିଁ ମଧ୍ୟ ସରଳ ମାନବର ନିରଳସ ଇସ୍ତାହାର । ଏକବିଂଶର ଜଗତୀକରଣ ଭାବ ଭିତରେ ତଥାପି ଯେମିତି ଅସ୍ପର୍ଶ ରହିଯାଇଛି ଅନେକ ଗ୍ରାମ । କେଉଁଠି ଗାଁ ଛାଡ଼ି ସହରର ହୋଟେଲରେ କାମ କରୁଥିବା ଯୁବକର ଅସହାୟତା ବାରି ହୋଇପଡୁଛି ତ ଆଉ କେଉଁଠାରେ ଗାଁ ସ୍କୁଲରେ ପାଠ ନ ପଢ଼ି; ସହରରେ ପାଠ ପଢ଼ିବାର ମୋହ, ପାରିବାରିକ ସମ୍ପର୍କରେ ଠିଆ କରେଇଛି ପାଚେରୀ । ଏପରିକି ଯୋଜନା ପରେ ଯୋଜନା ଅଟକଳ ହୋଇଥିଲେ ମଧ୍ୟ ଏବେସୁଦ୍ଧା ଅନେକ ଗ୍ରାମାଞ୍ଚଳର ଦୁଃଖ ନ ହଟିବା ସହ ସର୍ବନିମ୍ନ ଆବଶ୍ୟକତା ମଧ୍ୟ ଏଯାବତ୍ ପୂରଣ ହୋଇପାରିନାହିଁ । ପ୍ରକୃତପକ୍ଷେ କହିବାକୁ ଗଲେ ରାଜନୀତିର ଏହି କଳଙ୍କିତ ଇତିବୃତ୍ତ ଆଜି ନିଖିଳ ଜନତାଙ୍କ ମନରେ ସୃଷ୍ଟି କରିଛି ଅସହାୟତା । ଶ୍ରେଷ୍ଠ ନୀତି ଭାବରେ ଦିନେ ଜନମାନସରେ ସ୍ଥାନ ପାଇଥିବା ରାଜନୀତି ଆଜି ସ୍ୱାର୍ଥାନ୍ୱେଷୀ ମୁଷ୍ଟିମେୟ ଲୋକଙ୍କ ହାତରେ ବନ୍ଧା ପଡ଼ିଛି । ତେଣୁ ବିକାଶ ସମ୍ଭବ ହୋଇପାରୁନି ।

ଏପରିକି ଗାଁର ନୂଆପିଢ଼ିକୁ ଅଭ୍ୟୁଦୟର ମାର୍ଗ ପ୍ରଦର୍ଶନ କରିବାକୁ ଗଢ଼ି ଉଠିଥିବା ଭାଗବତ ଟୁଙ୍ଗୀ ଆଜି ଚିଲମର ଧୂଆଁ ଓ ମାଦକଦ୍ରବ୍ୟର ବାସ୍ନାରେ ଫାଟି ପଡୁଛି । ସନ୍ଧ୍ୟାରେ ଭଜନ କୀର୍ତ୍ତନ ତା'ପରେ ମାଦକ ଦ୍ରବ୍ୟ ସେବନରେ ଆଜି କଟୁଛି ଯୁବଗୋଷ୍ଠୀଙ୍କ ଜୀବନ । ଗୋଟିଏ ହାତରୁ କେତେବେଳେ ଆଉ ଗୋଟିଏ ହାତକୁ ଡେଇଁ ଡେଇଁ ଚାଲିଯାଉଛି ଚିଲମ । କେତେବେଳେ କାହା ବାଡ଼ିରୁ ନଡ଼ିଆ କଦଳୀ ତ ଆଉ କାହା ଗାଡ଼ିଆରୁ ମାଛ ଚୋରି ସହ ରାତି ହେଲେ କ୍ଲବ୍ ଘରର ଡ୍ରାମା ଭିତରେ ସରିଯାଏ ଦୈନିକ କର୍ମ । କାରଣ ଗାଁରେ କଲେଜ ହେବାପରେ ଯେନତେନ ପ୍ରକାରେ ବି.ଏ. ପାଶ୍ କରିଥିବା ଏ ଯୁବଗୋଷ୍ଠୀ ଆଉ ଲଙ୍ଗଳ କଣ୍ଢି ଧରି କରିପାରନ୍ତିନି ଜମି ଖନନ । ଯିଏ ଟିକେ ଭଲ ପାଠ ପଢ଼ି ଚାକିରି କଲା ସେ ଧନୀ ଦୁଲାଳୀକୁ ବିବାହ କରି ସହରକୁ କରେ ଗମନ । ଏପରିକି ସରଳ ଗ୍ରାମ୍ୟ ଜୀବନ ବି ଆଜି ହୋଇଉଠିଛି ଖୁବ୍ ଜଟିଳ । ଏକଦା ଗାଁରେ କିଛି ମନୋମାଳିନ୍ୟ ହେଲେ ମୁରବୀମାନଙ୍କ ଦ୍ୱାରା ତୁଟି ଯାଉଥିବା ସମସ୍ୟା ଆଜି ଥାନା ପର୍ଯ୍ୟନ୍ତ ଯାଉଛି । ଗ୍ରାମ୍ୟ ରାଜନୀତିରେ ଯେଉଁ ବିଷମଞ୍ଜି ବୁଣା ହୋଇଛି; ତାହା ଭାଇକୁ ଭାଇ ସାମ୍ନାରେ ଶତ୍ରୁ କରି ଠିଆ କରାଇଛି । ଏପରିକି ରାଜନୀତିକ ପଶାପାଳିରେ ଆଜି ସାଧାରଣ ଜନତା ହୋଇଛି ଉପେକ୍ଷିତ । ଯୋଜନା ନାଁରେ ଖର୍ଚ୍ଚ ହେଉଥିବା ଅର୍ଥ ବ୍ୟକ୍ତିଗତ ଲକ୍ଷ୍ୟସିଦ୍ଧି ନିମନ୍ତେ ହେଉଛି ବିନିଯୋଗ ।

ବାସ୍ତବିକ କହିବାକୁ ଗଲେ, ଗ୍ରାମ୍ୟଜୀବନର ସରଳତା ଆଜି ନଷ୍ଟ ଏବଂ ସମ୍ପ୍ରୀତିର ପୃଥିବୀ ହୋଇଛି ଓଲଟ ପାଲଟ । ପାରମ୍ପରିକ ମୂଲ୍ୟବୋଧ କ୍ରମେ ହୋଇଉଠିଛି ଅଚଳ । ରାଜନୈତିକ ଅପବାଦ, ଆଧ୍ୟାତ୍ମିକ ଛଳନା ଓ ସାମାଜିକ ବନ୍ଧନର ଶିଥିଳତା ଆଜି ରକ୍ତମାଂସର ମଣିଷକୁ କରିଛି ନିଃସଙ୍ଗ ।

**ଡକ୍ଟର ମନୋରଞ୍ଜନ ବିଷୋୟୀ,** ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସଂପର୍କ: ୮୮୯୫୧୪୧୭୨୭

# ଆନ୍ଦୋଳନ ଚାଲୁରଖ !

........ମାୟାଧର ନାୟକ........



ସମ୍ବାଦପତ୍ର ପୃଷ୍ଠା ଖୋଲିଲେ କି ଟିଭି ଦେଖିଲେ ସଭାସମିତି, ଘେରାଉ, ଆନ୍ଦୋଳନ, ବିକ୍ଷୋଭ ପଢୁପଢୁ ଦେଖୁଦେଖୁ ଦଫା ଶେଷ । ଯା-ବାଦେ ପୁଣି ସେକ୍ସ, ରେପ୍, ମର୍ଡର, ଚୋରୀ, ଡକାୟତୀ, ରାହାଜାନୀ, ଅପହରଣ, ଘୋଟେଲା, ଖେଳ, ବ୍ୟବସାୟ, ସିନେମା, କଳା, ସଂସ୍କୃତି ସମ୍ବାଦ ଅଛି । କିନ୍ତୁ ଅସଲୀ ସମ୍ବାଦ ଦୃଶ୍ୟମାନ ହୁଏନା, ଚାଷୀ ଶ୍ରମିକ, ମୂଲିଆ ଗାଁଗଣ୍ଡାର ଅପନ୍ତରାରେ ରହୁଥିବା – ଜୀବନ ବଂଚାଇବା ପାଇଁ ସଂଗ୍ରାମ କରୁଥିବା ଅଗଣିତ ଜନଗଣଙ୍କ କଥା । କାଁ ଭାଁ ଉପରଠାଉରିଆ ଭାବରେ କଦବା କେଉଁଠି ଖୁଚୁରା ଖବର ହୋଇ ପ୍ରକାଶିତ ହୋଇଥାଏ ।

ଯେଉଁମାନେ ପେଟକୁ ଦାନା ଦେଲେ, ଦେହକୁ କନା ଦେଲେ, ସେମାନେ ଅଦୃଶ୍ୟରେ ଆଉ ଯେଉଁମାନେ ଦାନାକନା ଛଡେଇ ନେଲେ ସେମାନେ ଦୃଶ୍ୟମାନ । ଯୁଗ ଆରମ୍ଭରୁ ପ୍ରତିବାଦ-ପ୍ରତିରୋଧ, ପ୍ରତିକାର ବିଭିନ୍ନ ଉପାୟରେ ଚାଲିଛି- ଯୁଗ ବଦଳିବା ସଂଗେସଂଗେ ତରିକା ମଧ୍ୟ ବଦଳିଯାଉଛି । ପୂର୍ବରୁ ଯେଉଁ ଅସଲି ତରିକା ଥିଲା ଏବେ ସବୁ ନକଲି ତରିକାରେ ରୂପାନ୍ତରିତ କେବେଠୁ ହୋଇସାରିଲାଣି ।

ମୋର ଦୀର୍ଘବର୍ଷର ସ୍ମୃତି ମନେପଡୁଛି । ସୁକିନ୍ଦା, ଭୁବନେଶ୍ୱର, ସାରା ଓଡିଶା, ଦିଲ୍ଲୀରେ ସଭାସମିତି ବିକ୍ଷୋଭ, ଧାରଣା, ଶୋଭାଯାତ୍ରା, ଘେରାଉ କଲାବେଳେ ଦର୍ଶକ କିମ୍ବା ବିକ୍ଷୋଭ-ପ୍ରଦର୍ଶନକାରୀମାନେ ଆନ୍ତରିକ ଭାବେ ସବୁ କରୁଥିଲେ । ଅଧିକାଂଶ ନେତା ଯେଉଁମାନେ ଏସବୁ ପରିଚାଳନା କରୁଥିଲେ-ସେମାନଙ୍କ ଆଚାର ବ୍ୟବହାର ଉଚ୍ଚାରଣରେ କିଛିଟା ସତ୍ୟ ଥିଲା । ସେତେବେଳେ ବି ବହୁନେତା ଯାହା କୁହନ୍ତି ଓଲଟା କାମ କରନ୍ତି ।

ସେତେବେଳେ ଆଜିକାଭଳି ଏତେ ବହୁମୁଖୀ ଗଣମାଧ୍ୟମ ନଥିଲା । ହାତଗଣତି ସମ୍ବାଦପତ୍ର, ନ୍ୟାସନାଲ ଦୂରଦର୍ଶନ ପ୍ରମୁଖରେ ସମ୍ବାଦ ଫଟୋ ପ୍ରକାଶିତ ହେଲେ ସମଗ୍ର ଦେଶରେ ଦୃଶ୍ୟମାନ ହେଉଥିଲା ଏବଂ ଲୋକ ଜାଣୁଥିଲେ । ଆଜି କିନ୍ତୁ ସବୁ ଓଲଟପାଲଟ ହୋଇଯାଇଛି । ଦେଶୀୟ ଓ ରାଜ୍ୟସ୍ତରୀୟ ସମ୍ବାଦପତ୍ର ହାଉଜାଉ; ଅଥଚ ଗୋଟିଏ ଅଂଚଳର ଖବର ଅନ୍ୟ ଅଂଚଳ ଲୋକ ଜାଣିପାରୁନାହାନ୍ତି ।

ଉଦାହରଣସ୍ୱରୂପ-ଓଡିଶାରେ ସମାଜ, ପ୍ରଜାତନ୍ତ୍ର, ମାତୃଭୂମି, ଆଶା ପ୍ରମୁଖ ସମ୍ବାଦପତ୍ରଗୁଡିକର ସଂଧ୍ୟାରେ ଗୋଟିଏ ସଂସ୍କରଣ ପ୍ରକାଶ ପାଇବା ଦ୍ୱାରା ସାରା ଓଡିଶାର ଲୋକମାନେ ସକାଳୁ ରାଜ୍ୟର ବିଭିନ୍ନ କୋଣଅନୁକୋଣର ସମ୍ବାଦ ପାଇପାରୁ ନ ଥିଲେ । ଏବେ ପାଖାପାଖି ୪୧ଟି ଦୈନିକ, ୪୦ଟି ସାପ୍ତାହିକ, ପାକ୍ଷିକ ଓ ଅସଂଖ୍ୟ ମାସିକ, ତ୍ରୟୋମାସିକ, ବାର୍ଷିକ ସମ୍ବାଦପତ୍ର ପତ୍ରିକା ଏବଂ ଇଂରାଜୀ, ହିନ୍ଦୀ ସମ୍ବାଦପତ୍ର ସଂଖ୍ୟା ମଧ୍ୟ କମ୍ ନୁହେଁ । ଜାତୀୟ ସମ୍ବାଦପତ୍ରର କିଛି ସଂସ୍କରଣ ମଧ୍ୟ ଓଡିଶାରୁ ପ୍ରକାଶ ପାଉଛି । ବହୁ ଟିଭି ଚାନେଲ୍ ରାତିଦିନ ୨୪ ଘଂଟା ଚାଲିଛି । ଲୋକେ କ'ଣ ଦେଖିବେ କ'ଣ ପଢିବେ-ବଡ ଦ୍ୱନ୍ଦ୍ୱରେ ପଡିଯାଇଛନ୍ତି ।

ଖବର ଅଖବର, ରେପମର୍ଡର, ଖେଳ, ସିରିଏଲ୍, ସିନେମା ଏତେମାତ୍ରାରେ ଟିଭି, ସମ୍ବାଦପତ୍ରରେ ପ୍ରକାଶ ପାଉଛି- ଜଣେ ସବୁ ପଢିଦେଖି ପାରିବ ନାହିଁ । ପୁଣି ଟିଭି ଖବରକାଗଜରେ ବିଜ୍ଞାପନ ଭର୍ତି ହୋଇଯାଉଛି । ସବୁ ଗଣମାଧ୍ୟମ ବ୍ୟବସାୟରେ ମାତିଛନ୍ତି । ଯଦି ଏତେ ଟିଭି, ସମ୍ବାଦପତ୍ର ନଥା'ନ୍ତା ତା'ହେଲେ ଆନ୍ଦୋଳନ ବିକ୍ଷୋଭ, ଶୋଭାଯାତ୍ରା, ସଭାସମିତି ସଂଖ୍ୟା ମଧ୍ୟ କମିଯାଆନ୍ତା । କାରଣ ଲକ୍ଷ୍ୟ ଉଦ୍ଦେଶ୍ୟ ଯାହାହେଉନା କାହିଁକି- ନେତାନେତ୍ରୀ ଓ ଲୋକମାନେ ଦୂରଦର୍ଶନରେ ଦୃଶ୍ୟ ହେଲେ, ସମ୍ବାଦପତ୍ରରେ ଫଟୋ ବାହାରିଲେ କୃତକୃତ୍ୟ ହୋଇଯାଆନ୍ତି । ସେଣିକି ଦାବୀ ପୂରଣ ହେଲା କେତେ ନ ହେଲା କେତେ ?

ବେଳେବେଳେ ବିରାଟ ବିରାଟ ବିକ୍ଷୋଭ, ଧାରଣା, ଶୋଭାଯାତ୍ରା ନେତୃତ୍ୱବିହୀନ ହୋଇଥାଏ । 'ହରିବୋଲିଆ' ଭଳି ଜନତା ମାତିଯାଆନ୍ତି । ନିଜ ଦାବୀ ସଂପର୍କରେ ମଧ୍ୟ ସଂପୂର୍ଣ୍ଣ ସଚେତନ ନଥାଆନ୍ତି । ଦଳେ ନେତା ଅଛନ୍ତି- ନିଜେ କରିପାରିବେ ନାହିଁ କି କାହାରିକୁ ପୂରାଇ ଦେବେନି । ଅଧିକାଂଶ ସମୟରେ ନେତାଙ୍କ ମଧ୍ୟରେ ତାଳମେଳ ରହେନା । ଏପରିକି ଜାତୀୟ ନେତାଙ୍କ ସହ ଫଟୋ ଉଠାଇବା ପାଇଁ ମୁଥା ମରାମରି ହୁଅନ୍ତି । ଫଟୋ ପାଇଁ ମୁଥା ମରାମରି ନହୋଇ ଦାୟିତ୍ୱ ନେବାପାଇଁ ମୁଥା ମରାମରି ହୁଅନ୍ତେ କି- ତା'ହେଲେ ଲୋକଙ୍କର ମଙ୍ଗଳ ହୁଅନ୍ତା ।

ଆନ୍ଦୋଳନରେ ନାଟକବାଜି ବେଶୀ । ଆନ୍ଦୋଳନ ମେଳା ଯେତେବେଳେ ଆରମ୍ଭ ହୁଏ, ବିଶେଷକରି ଶୀତଋତୁରେ ବର୍ଷସାରା ସାଇତି ରଖିଥିବା ଶାଲ, ସୁଇଟର, କୋର୍ଟ ନେହୁରୁ ଜ୍ୟାକେଟ୍, ଅନ୍ୟାନ୍ୟ ହରରଙ୍ଗୀ ଶୀତପୋଷାକ ପିନ୍ଧି ଓଡିଶାର ଗାଁଗଣ୍ଡାରୁ ବହୁ ଆନ୍ଦୋଳନକାରୀ ଏବଂ ଅଣଆନ୍ଦୋଳନକାରୀ ରାଜଧାନୀକୁ ଛୁଟିଆସନ୍ତି । ଆଜିକାଲି ଫ୍ଲେକ୍ସ ମିଟର ୮ ଟଙ୍କାରୁ ୧୦ ଟଙ୍କା ହୋଇଥିବାବେଳେ ଶସ୍ତାରେ ବ୍ୟାନର ଆଣି ଶୋଭାଯାତ୍ରାର ଅଗ୍ରଭାଗରେ ନେତାମାନେ ଧରିଚାଲନ୍ତି । ଟିଭି, ଫଟୋ ସାମ୍ବାଦିକ ଆସିଗଲେ, ପ୍ରାୟ ବହୁଳାଂଶଙ୍କ ସ୍ଲୋଗାନ୍, ଖୁବ୍ ଜୋରରେ ଶୁଣାଯାଏ । ପୋଷାକପତ୍ର ମୁଣ୍ଡବାଳ ଟିକେ ସଜାଡିନିଅନ୍ତି ।

ଏଇ କେତେବର୍ଷ ହେଲା, ବିଶେଷକରି ଶିକ୍ଷୟିତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇଲେ, ସେଦିନ ଯଦି ମାଣବସା ଶେଷ ଗୁରୁବାର ହୋଇଥାଏ, ତା'ହେଲେ ଲୋଏର୍ ପି.ଏମ୍.ଜି. ରାସ୍ତା ମଝିରେ ଲକ୍ଷ୍ମୀ ଠାକୁରାଣୀ ପୂଜା ଆରମ୍ଭ ହୋଇଥାଏ । ସେ ଫଟୋ ସମ୍ବାଦପତ୍ର ଓ ଟେଲିଭିଜନରେ ଦେଖାଯାଏ । ଅଧିକାଂଶ ପାଠକ, ଦର୍ଶକ ମୁରକି ହସନ୍ତି । ଏହାଦ୍ୱାରା ବାସ୍ତବ ଦାବୀପ୍ରତି ଯେଉଁ ଅଙ୍ଗୀକାର ରହିବା କଥା, ତା' ରହେନି । ଆନ୍ଦୋଳନ ପରିହାସରେ ପରିଣତ ହୁଏ ।

ଏହି ଲେଖକ ଆନ୍ଦୋଳନ ସଂପର୍କରେ ଅନେକ କିମ୍ଭୂତକିମାକର ଘଟଣା ଦେଖିଛି । ୧୯୭୧ ମସିହାରେ ସଦ୍ୟ ପାକିସ୍ଥାନ-ପୂର୍ବ ପାକିସ୍ଥାନରେ ଭୟଙ୍କର ଗୃହଯୁଦ୍ଧ ଅବସାନର ୭ଦିନ ପରେ ନୂତନ ବଙ୍ଗଳାଦେଶକୁ ଜଣେ ସାମ୍ବାଦିକ ଭାବେ ଯାଇଛି । ଢାକାର ବିରାଟ ମଇଦାନରେ ବିଜୟୋତ୍ସବ ପାଳିତ ହେଉଥାଏ । ଜଣେ ଛାତ୍ରନେତା ନାଟକୀୟ ଢଙ୍ଗରେ ଭାଷଣ ଦେବାବେଳେ ଘନଘନ କରତାଳି ଶବ୍ଦରେ ସଭାସ୍ଥଳ ଫାଟି ପଡୁଥିଲା । ସେହି ନେତା ସଭାମଂଚ ତଳକୁ ଆସି ଗଦ୍‌ଗଦ୍ ହୋଇ ସାମ୍ବାଦିକମାନଙ୍କ ନିଜ ବାହାଦୂରୀ ବଖାଣିଲେ । ଏଇଭଳି ଅଧିକାଂଶ ନେତା ନାଟକୀୟ ଭଙ୍ଗିମାରେ ଭାଷଣ ଦେଇ ଶ୍ରୋତାଙ୍କଠାରୁ କରତାଳି, ହସ ସିନା ସଂଗ୍ରହ କରନ୍ତି, କିନ୍ତୁ ମଞ୍ଜି କଥା କହିପାରନ୍ତିନି । ଏହାଦ୍ୱାରା କିଛି ଲାଭ ହୁଏନା ।

ଏଇ ଓଡିଶାର ରାଜଧାନୀରେ ବହୁବର୍ଷ ଧରି ଯେତେବେଳେ ଶିକ୍ଷକ ମହାସଂଘର ରାଲି ହୁଏ, ଓଡିଶାର କୋଣଅନୁକୋଣୁ ପାଖାପାଖି ୨୫ ହଜାରରୁ ୩୦ ହଜାର ଶିକ୍ଷକ, ଶିକ୍ଷୟିତ୍ରୀ ଆସନ୍ତି । ଶୃଙ୍ଖଳିତଭାବେ ଦୁଇଧାଡିରେ ଚାଲନ୍ତି । ସର୍ବାଗ୍ରେ ମଧ୍ୟ ବ୍ୟାନର ଧରି ଦୁଇଜଣ ଚାଲନ୍ତି । ଅବଶ୍ୟ ଧାଡି ସରେନା । ଫଟୋ ସମ୍ବାଦପତ୍ରରେ କେବଳ ଆଗଧାଡିରୁ କିଛି ଅଂଶ ଦେଖାଯାଏ; ଟେଲିଭିଜନରେ ମଧ୍ୟ ବେଶୀ ଭିଡ ଦେଖାଯାଏନା ।

ସବୁବେଳେ କିଛିନା କିଛି ନୂଆ ଧାରା ସୃଷ୍ଟି କରିବାର ଇଚ୍ଛାଯୋଗୁ ଥରେ ରାଜଧାନୀରେ ରଣଅଭିଯାନ ଓଡିଶାର ଏକ ରାଲିରେ ୫ ହଜାର ଆନ୍ଦୋଳନକାରୀ ଯୋଗଦେଇଥିଲେ । ପ୍ରଥମେ ପାଖାପାଖି ୫ ଶହ ଆଗରେ ପୂରାରାସ୍ତା ଜାମ୍ କରି ବିରାଟ ବ୍ୟାନର ଗୋଡଠାରୁ ପେଟପର୍ଯ୍ୟନ୍ତ ଧରି ଶୋଭାଯାତ୍ରା କଲୁ । ସମ୍ବାଦପତ୍ରରେ ଫଟୋ ବିରାଟ ଆକାରରେ ଆସିଲା । ଟେଲିଭିଜନ ମଧ୍ୟ ୫ ହଜାରରୁ ୨୫ ହଜାର ଭଳି ଲୋକ ଦେଖାଇଦେଲେ ।

ଆଉଥରେ ଏଇ ଲେଖକ ନେତୃତ୍ୱରେ ପାଖାପାଖି ୫୦ଜଣ ଗଣଅଭିଯାନ କର୍ମୀନେତା ରାଜଧାନୀରେ ସଂଗ୍ରାମୀ ପାଣ୍ଠି ସଂଗ୍ରହ ପାଇଁ ଘରଘର ବୁଲିଲେ । ୨ ଦିନ ବୁଲିଲା ପରେ ଆଦାୟ କମ୍ ଖର୍ଚ୍ଚ ଅଧିକ ହେବାରୁ କାର୍ଯ୍ୟକ୍ରମ ବାତିଲ କରାଯିବା ପାଇଁ ନିଷ୍ପତ୍ତି ନିଆଗଲା । ସେଇ ରାତିରେ ଖବର ପ୍ରକାଶ ପାଇଲା ନାଲ୍‌କୋ ପୁଞ୍ଜି ପ୍ରତ୍ୟାହାର ପାଇଁ କେନ୍ଦ୍ର ସରକାର ମସୁଧା କରୁଛନ୍ତି । ରାତିରାତି ଭୁବନେଶ୍ୱର ନାଲ୍‌କୋ ହେଡଅଫିସ୍ ସମ୍ମୁଖରେ ଧାରଣା ଦେବାକୁ ସ୍ଥିରକରି କିଛି ଧଳାକନା ଅଣାଯାଇ ବିଭିନ୍ନ ସ୍ଲୋଗାନ୍ ଲେଖି ମୁଣ୍ଡରେ ଗଳାଇ ଛାତିରେ ପିଠିରେ କର୍ମୀମାନେ ପିନ୍ଧି ସ୍ଲୋଗାନ୍ ଦେଲେ । ସେଦିନ ସଂଗେସଂଗେ ଜାତୀୟ ଟେଲିଭିଜନ୍ ଓ ଜାତୀୟ ସମ୍ବାଦପତ୍ରଠାରୁ ଆରମ୍ଭ କରି ଆଂଚଳିକ ଗଣମାଧ୍ୟମ ଏହି ଅଭିନବ ପ୍ରଦର୍ଶନକୁ ବ୍ୟାପକ ପ୍ରଚାର କଲେ ।

କଥାରେ ଅଛି-ଦେଖା ଶିଖା ଓଡିଶା । ବିଭିନ୍ନ ଦଳ ସଂଗଠନମାନେ ଏଭଳି ଅଭିନବ ଶୋଭାଯାତ୍ରା, ଧାରଣା, ବିକ୍ଷୋଭ ଦେଖି ନିଜର ସଂଗଠନମାନଙ୍କରେ ତାହାକୁ ଅନୁକରଣ କରିବାରେ ଲାଗିଲେ, ଯାହା ଆଜିଯାଏ ବି ଚାଲିଛି । ଏବେ ସଭାସମିତି, ଧାରଣା ବିକ୍ଷୋଭ ଶୋଭାଯାତ୍ରା ଏପରିକି ଘେରାଉ, ମାରପିଟ, ଗଣ୍ଡଗୋଳ ବହୁ ସ୍ଥାନରେ ହେଉଛି । ଲୋକେ ଏସବୁରେ ଭାଗନେଉଛନ୍ତି; କିନ୍ତୁ ଉଦ୍ଦେଶ୍ୟ-ଆଶା-ଆକାଂକ୍ଷା ଲକ୍ଷ୍ୟ ପୂରଣ ହେଉନି । ଆନ୍ଦୋଳନକାରୀଙ୍କ ଅପେକ୍ଷା ଆନ୍ଦୋଳନବିରୋଧୀ ଶକ୍ତି କୌଶଳରେ ଦମନ କରିଦେଉଛି । ତା'ସତ୍ତ୍ୱେ ଜନଗଣଙ୍କ ସହଯୋଗ ଯେତେ ବଢିବ- ସେତେ ଶିକ୍ଷା ପାଇବେ, ସଚେତନ ହେବେ । ଥରେ ଗରିଷ୍ଠ ସଂଖ୍ୟାରେ ଲୋକ ସଚେତନ ହୋଇଗଲେ ଜନବିରୋଧୀ ଶକ୍ତି ସାବାଡ ହୋଇଯିବେ । ଯଦିଓ ବର୍ତ୍ତମାନ ସର୍ବଗୁଣସଂପନ୍ନ ପରୀକ୍ଷିତ ନେତା ମିଳୁନାହାଁନ୍ତି; ଆନ୍ଦୋଳନ ଲଗାତର ଲାଗିରହିଲେ, ଦମନକୁ ମୁକାବିଲା କରୁକରୁ ନୂଆ ନେତାଙ୍କର ଆବିର୍ଭାବ ହେବ । ଯେଉଁଠି ବିପର୍ଯ୍ୟୟ ସେଇଠି ଜୟଜୟ । ଏ ହେଉଛି ଇତିହାସର ନିୟମ । ତେଣୁ ଧୈର୍ଯ୍ୟ ଧରି ଶେଷପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁରଖ !

*-ଯାଜପୁର ରୋଡ, ଯାଜପୁର*
*ମୋ: ୯୮୬୧୦୩୪୧୬୩*

# କର୍ମକୁ ଭଗବାନଙ୍କ ପ୍ରତି ସମର୍ପଣ

------------ଭବାଶିଷ ଦାସ------------



ପ୍ରକୃତରେ ଭକ୍ତିର ଅର୍ଥ-ନିଜ କର୍ମର ଫଳାଶା ନରଖି ଈଶ୍ୱର ଉପାସନା କରିବା, ଈଶ୍ୱରଙ୍କ ପ୍ରତି ଏକାଗ୍ରେ ହେବା ଏବଂ ପ୍ରତ୍ୟେକ କର୍ମକୁ ଭଗବାନଙ୍କୁ ସମର୍ପଣ କରିବା, ଏପରିକି ତାଙ୍କ ପାଦତଳେ ନିଜ ଜୀବନ ସମର୍ପି ଦେବା। ନିଜର ନିଃସ୍ୱାର୍ଥ ପ୍ରେମର ଧାରାକୁ କୌଣସି ପ୍ରତ୍ୟାଶା ନ ରଖି ନିର୍ଦ୍ୱନ୍ଦରେ ଭଗବାନଙ୍କ ଆଡ଼କୁ ପ୍ରବାହିତ କରାଇ ଦେବା ହିଁ ଭକ୍ତି। ଆମେ ନିଃସ୍ୱାର୍ଥ ପ୍ରେମର ଅଭିବୃଦ୍ଧି ଓ ପ୍ରସାର କରାଇବା ଉଚିତ। ନଦୀ ଜଳ ଯେଭଳି ସ୍ୱାଭାବିକ ରୀତିରେ ସାଗର ଆଡ଼କୁ ପ୍ରବାହିତ ହୋଇଥାଏ, ଲତାଟିଏ ଯେମିତି ବୃକ୍ଷ ଦେହରେ ଆପେ ଆପେ ଗୁଡ଼ାଇ ହୋଇଯାଇଏ, ଆକାଶରେ ଯେମିତି ନକ୍ଷତ୍ରଟି ଝିଲିମିଲି ଝିଲି ମିଲି ହୋଇ ଝଲସି ଉଠେ, ଠି ସେମିତି ସ୍ୱାଭାବିକ ଭାବେ ମଣିଷର ଭକ୍ତି ପରମାତ୍ମାଙ୍କ ଆଡ଼କୁ ଚାଲିଯିବା ଉଚିତ। ପଥରେ ଯେତେ ପ୍ରତିବନ୍ଧକ ଥାଉପଛେ, ପରିଶେଷରେ ନଦୀ ଜଳ ସାଗରରେ ମିଶେ। ନଦୀ ପାଇଁ ସାଗର ହେଉଛି ସ୍ୱସ୍ଥାନ। ଠିକ ସେହିପରି ପରମାତ୍ମାଙ୍କ ଆଡ଼କୁ ଅବିରତ ଭାବେ ପ୍ରବାହିତ ହେଉଥିବା ପ୍ରେମର ଧାରା, ପ୍ରତିଦାନର ଆଶା ନ ହେଉଥିବା ପ୍ରେମର ଧାରା ହିଁ ଭକ୍ତି। କାରଣ, ତାଙ୍କରି ଠାରୁ ହିଁ ତୁମର ଉତ୍ପତ୍ତି ଏବଂ ତାଙ୍କରି ସଙ୍ଗେ ପୁନର୍ବାର ଲୀନ ହେବା ପାଇଁ ହିଁ ତୁମର ବ୍ୟାକୁଳତା। ରାବଣ, କୁମ୍ଭକର୍ଣ୍ଣ, କଂସ ପ୍ରଭୃତି ଭଗବାନଙ୍କୁ ପ୍ରାର୍ଥନା କରି, ତପସ୍ୟା କରି, ଅମିତ ପରାକ୍ରମଶାଳୀ ହୋଇ ପାରିଥିଲେ। ଭଗବାନଙ୍କଠାରୁ ଏତେ ଫଳ ଓ ବଳ ଲାଭ କରି ସେମାନେ ଶେଷକୁ ଭଗବାନଙ୍କ ବିରୁଦ୍ଧରେ ଉଠିଲେ। ଭଗବାନଙ୍କୁ ଭକ୍ତି କରିବା ବଦଳରେ ସେମାନେ ତାଙ୍କୁ ଘୃଣା କଲେ। ତାଙ୍କ ଇଚ୍ଛା ପୂରଣ ନ ହେଲେ ସେମାନେ ଭୟଙ୍କର ରୂପ ଧାରଣ କଲେ। ଯଦି ଇଚ୍ଛା ପୂରଣ ହୋଇଗଲା ତେବେ ସେମାନେ ଅହଂକାରୀ ହୋଇ ନାନା ଅସୁବିଧା ସୃଷ୍ଟି କରି ବସିଲେ। ଏହା ପ୍ରକୃତ ଭକ୍ତର ଲକ୍ଷଣ ନୁହେଁ। ଯେଉଁ ଭାବଧାରା ତୁମର ପ୍ରେମକୁ ଈଶ୍ୱରଙ୍କ ଆଡ଼କୁ ନିଷ୍କାମ ଭାବେ, ପୁରସ୍କାର ଆଶା ନକରି ଅବିରତ ଭାବେ ବୁହାଇ ନିଏ, ତାହା ହିଁ ପ୍ରକୃତ ଭକ୍ତି। ଭକ୍ତର ଉନ୍ନତି ଦୃଷ୍ଟିରୁ ଭଗବାନ ଭକ୍ତ ସ୍ତରକୁ ଓହ୍ଲାଇ ଆସିବାକୁ ମଧ୍ୟ ପ୍ରସ୍ତୁତ। ଭକ୍ତ କ'ଣ ଚାହେଁ ସେ ଜାଣନ୍ତି, କେତେବେଳେ ମନୋବାଞ୍ଛା ପୂରଣ କରାଯିବା ଦରକାର ଓ କେତେ ପରିମାଣରେ ପୂରଣ କରାଯିବା ଦରକାର ସେ ସବୁ ଜାଣନ୍ତି। ମାଗ ନାହିଁ, ମାଗି ବସିଲେ ମାନସିକ ପୂର୍ଣ୍ଣ ହେବା ଆଶା କ୍ଷୀଣ ହୋଇଯାଏ। ନ ମାଗିଲେ ମାନସିକ ତତ୍‌କ୍ଷଣାତ ପୂର୍ଣ୍ଣ ହୋଇଯାଏ।

ଯେଉଁ ଜଣକ କିଛି ମାଗି ନଥିଲା, ସେ ସେଭଳି ଜଣେ ଶବରୀ ପାଖକୁ ନିଜେ ଦୌଡ଼ି ଯାଇ ନ ଥିଲେ କି? ମୃତ୍ୟୁ ସମୟରେ ମଧ୍ୟ କିଛି ଆଶା କରି ନଥିବା ଜଟାୟୁକୁ ସେ ପରମଗତି ପ୍ରଦାନ କରି ନ ଥିଲେ କି? ଦେଖିବାକୁ ଗଲେ ଯେଉଁ ଦଶରଥ ରାମଙ୍କଠାରୁ ବହୁତ କିଛି ଆଶା କରିଥିଲେ, ରାମ ତାଙ୍କ ଶେଷକୃତ୍ୟ ମଧ୍ୟ କରିପାରିଲେ ନାହିଁ, କିନ୍ତୁ କିଛି ହେଲେ ଆଶା କରି ନଥିବା ଜଟାୟୁର ଶେଷକୃତ୍ୟ ସ୍ୱୟଂ ଭଗବାନଙ୍କ ହାତରେ ହିଁ ସମ୍ପନ୍ନ ହେଲା। "ମୁଁ କିଛି ଚାହେଁ ନାହିଁ, ହେ ଭଗବାନ! ମୁଁ ତୁମକୁ ଚାହେଁ। ତୁମ ଛଡ଼ା ଆଉ କିଛି ଚାହେଁ ନାହିଁ।" ଯଦି ଏଭଳି ପ୍ରାର୍ଥନା କରିପାରିବ, ତୁମର ଯାହା ଯାହା ଦରକାର ତାହା ଯୋଗାଇ ଦିଆଯିବ। କଳ୍ପବୃକ୍ଷ ଯେତେବେଳେ ତୁମର ଇଚ୍ଛା ପୂର୍ଣ୍ଣ କରିବାକୁ ପ୍ରସ୍ତୁତ, ସେତେବେଳେ ତୁମେ କଫି ଟିକେ କାହିଁକି ମାଗୁଛ? ଅମୃତ ପ୍ରଦାନ କରିବାକୁ ଯେତେବେଳେ କାମଧେନୁ ସଜାଗ, ସୁନା, ରୂପାଦି ମୂଲ୍ୟବାନ ପଦାର୍ଥ ଯୋଗାଇ ଦେବା ଲାଗି ଯେତେବେଳେ ମେରୁ ପର୍ବତ ପ୍ରସ୍ତୁତ, ତୁମେ ସେତେବେଳେ ଏକ ହୀନ ଉଦ୍ଦେଶ୍ୟ କାହିଁକି ପୂରଣ କରିବାକୁ ବସିଛ? ଭଗବାନ ଯେତେବେଳେ ତୁମକୁ କୃପା କରି ମୋକ୍ଷ ପ୍ରଦାନ କରିବାକୁ ପ୍ରସ୍ତୁତ, ତୁମେ ସେଠାରେ କ୍ଷୁଦ୍ର ମାନସିକ ପୂରଣ କରିବାକୁ କାହିଁକି ବସିଛ? ତାଙ୍କୁ ଲାଭ କରିପାରିଲେ ସବୁକିଛି ଲାଭ କରି ପାରିବ। ତାଙ୍କ କୃପା ଲାଭ କରିପାରିଲେ ପୃଥିବୀର ସବୁକିଛି ଲାଭ କରିପାରିବ। ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ତୁମ ପାଇଁ ସୁଲଭ ହୋଇଯିବ। ଯଦି ତୁମେ ତୁମର କାମନା ବାସନାର ଦାସ ହୋଇଯିବ, ତେବେ ତୁମେ ଜଗତର ଦାସ ପାଲଟିଯିବ। ଯଦି କାମନା ଉପରେ ଜୟ ଲାଭ କରିପାର, ତେବେ ଏ ସଂସାର ତୁମ ପାଇଁ ଖେଳ ସଦୃଶ ହୋଇଯିବ। ଛୋଟ ଚାରା ଗଛଟି ପାଣି ଆଶାରେ ମେଘ ବା ବାଦଲ ପର୍ଯ୍ୟନ୍ତ ଯାଇପାରେ ନାହିଁ, ସେହିପରି ଛୋଟ ଶିଶୁଟି ମଧ୍ୟ କ୍ଷୀର ଟିକେ ପାଇଁ ତା' ମାଆ ପର୍ଯ୍ୟନ୍ତ ଯାଇପାରେ ନାହିଁ, କିନ୍ତୁ ମାଆ ଶିଶୁ ପାଖକୁ ଆସେ, ତାହାର ସୁରକ୍ଷା କରେ। ଠିକ୍ ସେହିଭଳି ଭଗବାନ ଭକ୍ତ ପାଖକୁ ଚାଲି ଆସନ୍ତି ତାହାର ଯାହା ଇଚ୍ଛା ତାହା ପୂରଣ କରନ୍ତି, ସେ ଯାହା ଚାହେଁ ତାକୁ ତାହା ପ୍ରଦାନ କରନ୍ତି।

*-ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ପ୍ଲଟ ନଂ - ୧୪୫୦, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ: ୯୮୬୧୧୧୮୬୭୩*

# ଶାନ୍ତି ଓ ମୁକ୍ତି

ପ୍ରଫେସର ଡାକ୍ତର ଉମେଶଚନ୍ଦ୍ର ପାତ୍ର



ଜନୈକ ଭକ୍ତଙ୍କର ପ୍ରଶ୍ନ ଥିଲା-ଶାନ୍ତି ଓ ମୁକ୍ତି ଭିତରେ କେଉଁଟି ବଡ। ଯୁଗପୁରୁଷ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କର ସ୍ୱଭାବସୁଲଭ କରୁଣା ନିର୍ଝର ହାସ୍ୟମୟ ମୁଖରେ କହିଲେ - ମୁକ୍ତି ନେଇ ମୋର କଣ ହେବ? ପ୍ରଭୁ ଅନନ୍ତ କାଳ ଅଛନ୍ତି ଓ ମୁଁ ମଧ୍ୟ ଅନନ୍ତକାଳ ରହିବି ତାଙ୍କର ଦାସ ରୂପରେ। ତା' ନ ହେଲେ ଅସ୍ତିତ୍ୱ ଲୋପ କରି ଦେଇ ମୁକ୍ତିଲାଭ ପୁଣି କେଉଁ ଆନନ୍ଦର କଥା? ମୁଁ ବିପଦଠାରୁ ମୁକ୍ତି ଚାହେଁ, କିନ୍ତୁ ମୋର ଏହି ଦେହ ଠାରୁ ମୁକ୍ତି ଚାହେଁ ନାହିଁ। ଭଗବାନ (ଗଡ୍) ଶବ୍ଦର ଅର୍ଥ ବୁଝାଇବାକୁ ଯାଇ ଶ୍ରୀ ଶ୍ରୀ ଠାକୁର କହିଲେ-ଗଡ୍‌ର ସଂସ୍କୃତ ଧାତୁ ହେଲା ହୁ ଅର୍ଥ ଆହ୍ୱାନ କରିବା। ସେହି ଆହ୍ୱାନ କିପରି? ଭଗବାନଙ୍କୁ ଅନ୍ତରରେ ସ୍ମରଣ ମନନ କରି ତାଙ୍କର ଗୁଣାବଳୀରେ ଅଭିଷିକ୍ତ ହୋଇ ଉଠିବା। ଯେପରି ଯୀଶୁଖ୍ରୀଷ୍ଟଙ୍କୁ ଆହ୍ୱାନ କରି ଆଜି ତାଙ୍କର ଗୁଣାବଳୀକୁ ଆମ ଭିତରେ ଅଭିଷିକ୍ତ କରିବୁ, ତାଙ୍କର ଭାବବୃତ୍ତି ଅନୁଯାୟୀ ଆମ୍ଭେମାନେ କ୍ରିୟାଶୀଳ ହୋଇ ଉଠିବୁ, ଆମ୍ଭମାନଙ୍କର ଆଚରଣ ଭିତରେ ତାହା ସଞ୍ଚାରିତ ହେବ। ଆମ୍ଭେମାନେ ବଞ୍ଚିଥିବା ପର୍ଯ୍ୟନ୍ତ ଓ ଅସ୍ତିତ୍ୱର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେହି ଭାବାନୁଯାୟୀ ନିଜକୁ ପରିଚାଳିତ କରିବୁ। ଆପଣ ଜଣେ ଶିକ୍ଷକ, ଯାହା ଆପଣ କରୁଛନ୍ତି ତାହା ବହୁତ ଭଲ। ଆପଣ କିନ୍ତୁ ଆପଣଙ୍କ ଛାତ୍ରକୁ କୌଣସି କର୍ମରେ ପୂର୍ଣ୍ଣଛେଦ ପକାଇବାକୁ କୁହନ୍ତି ନାହିଁ, କେବେ କୁହନ୍ତି ନାହିଁ ଯେ ତୁମର ଜାଣିବାର ଶେଷ ହୋଇଗଲା। ଈଶ୍ୱର-ଉପାସନା ମଧ୍ୟ ତାହା, ତାର ଶେଷ ନାହିଁ। ଈଶ୍ୱର ଅନନ୍ତ ଓ ତାଙ୍କ ପାଇଁ ଚାଲିବା ମଧ୍ୟ ଅନନ୍ତ। ଈଶ୍ୱର ମାନେ ଅଧିପତି ଓ ଆଧିପତ୍ୟ। ଆଧିପତ୍ୟ ହେଲା, ଧାରଣ ପାଳନୀ ସମ୍ବେଗ। ଧାରଣ ପାଳନ ସମ୍ବେଦନା-ଅଭିଷିକ୍ତ ବ୍ୟକ୍ତିତ୍ୱ ଯେତେ ପରିମାଣରେ ଆପଣଙ୍କ ଭିତରେ ଫୁଟି ଉଠିଲା ସେତେ ପରିମାଣରେ ଆପଣଙ୍କ ଭିତରେ ଈଶ୍ୱିତ୍ୱ ଅଧିଷ୍ଠିତ ହେଲା। ଏହି ଧାରଣ ପାଳନୀ ସମ୍ବେଗ ଅଳ୍ପ-ବହୁତ ସମସ୍ତଙ୍କ ଭିତରେ ରହିଛି। କାହିଁକି ଅଛି? କାରଣ ଆମ୍ଭେମାନେ ବଞ୍ଚିବାକୁ ଚାହୁଁ। ଆମ୍ଭମାନଙ୍କର କ୍ଷୁଧା, ତୃଷ୍ଣା, ଭୟ ଯାହା କିଛି ଅଛି ସବୁ ନେଇ ଆମ୍ଭେମାନେ ବଞ୍ଚିବାକୁ ଚାହୁଁ। ଆଉ ଚାହୁଁ ସ୍ୱାଧୀନତା-ଅର୍ଥ, ଯେତେବେଳେ ଆମ୍ଭେମାନେ ସମସ୍ତେ ମିଶି ପ୍ରିୟ ପରମଙ୍କ ଆବାସ ସ୍ଥାନରେ ପାରସ୍ପରିକ ସ୍ୱାର୍ଥସମ୍ବନ୍ଧ ହୋଇ ରହିଥାଉ, ସେତେବେଳେ ହିଁ ଆମ୍ଭେ ଫ୍ରୀଦମ୍ - (ଫ୍ରୀ- ପ୍ରୀତି, ଦମ୍ (ବୈଦିକ)- ଗୃହ) ବା ଫ୍ରିଡମ୍ ବା ସ୍ୱାଧୀନତା ଉପଲବ୍ଧି କରୁ। ସ୍ୱାଧୀନତା ମାନେ କିନ୍ତୁ ଯିଏ ଯାହାର ଇଚ୍ଛା ବା ଖୁସି ସହକାରେ ଚାଲିବା ତାହା ନୁହେଁ। ସ୍ୱେଚ୍ଛାଚାରିତା ସ୍ୱାଧୀନତା ନୁହେଁ। ସ୍ୱାର୍ଥପରତା ସ୍ୱାଧୀନତା ନୁହେଁ।



ସ୍ୱାଧୀନତାର ଧାତୁଗତ ଅର୍ଥ ହେଲା ବର୍ଦ୍ଧନା, ଯେଉଁଠାରେ ଆମ୍ଭମାନଙ୍କର ବୃଦ୍ଧି ମୁଖର ଚଳିବାର ଆବେଗ ଅଛି। ପ୍ରୀତିପୂର୍ଣ୍ଣ ଅନୁଚଳନ ଭିତର ଦେଇ ଆମ୍ଭେମାନେ ଯେଉଁଠାରେ ବଢ଼ି ପାରିବୁ, ଏହି ବୃଦ୍ଧି ମୁଖର ସାଧନା ଦିଗରେ ଯେଉଁଠାରେ ଅବାଧ ଭାବରେ ଚାଲି ପାରୁ ସେହିଠାରେ ହିଁ ସ୍ୱାଧୀନତା ଅଛି। ସେଥିପାଇଁ ଆବଶ୍ୟକ କୁଶଳ କୌଶଳୀ ତପଶ୍ଚର୍ଯ୍ୟା ମାଧ୍ୟମରେ ତତ୍ପରତା ସହିତ ଅନୁଶୀଳନ କରିବା। ଏହି ସାଧନାର ପଥରେ ଗୁରୁଙ୍କର ପ୍ରୟୋଜନୀୟତା ଅନିବାର୍ଯ୍ୟ। ଗୁରୁଙ୍କୁ ନେଇ ହିଁ ଆମ୍ଭମାନଙ୍କୁ ଚଳିବାକୁ ପଡିବ। ତା' ନ ହେଲେ ଆମ୍ଭେମାନେ ଭାରସାମ୍ୟ ଓ ସମତା ହରାଇବୁ। ଯାହା ଖୁସି ତାହା କରି ସୁଖର ରାସ୍ତାକୁ ଅବରୋଧ କରିଦେବୁ। ଗୁରୁଙ୍କ ଉପରେ ଯଦି ନିଷ୍ଠା ଥାଏ ଓ ତାଙ୍କର ନିର୍ଦ୍ଦେଶଗୁଡିକ ଯଦି ଠିକ୍ ଭାବରେ କର୍ମରେ ଫୁଟାଇପାରୁ ତାହାହେଲେ ଏହି କର୍ମ ଭିତର ଦେଇ ଆମ୍ଭମାନଙ୍କର ଅଭିଜ୍ଞତା ବଢେ ଓ ଆମ୍ଭେମାନେ ଶିକ୍ଷିତ ହୋଇଉଠୁ। ଏହି ଜ୍ଞାନଲାଭର ପଛରେ ଅଛି ଶ୍ରଦ୍ଧା ଓ ଭଲ ପାଇବା। ସେଥିପାଇଁ କୁହାଯାଇଛି 'ଶ୍ରଦ୍ଧାବାନ୍ ଲଭତେ ଜ୍ଞାନଂ'। ଏହି ଶ୍ରଦ୍ଧାର ମୂଳ ହେଉଛନ୍ତି ଗୁରୁ-ପୁରୁଷୋତ୍ତମ ବା ଇଷ୍ଟ। ଯୁଗଗୁରୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ-ଶ୍ରଦ୍ଧାର ତାତ୍ପର୍ଯ୍ୟ ହେଲା-ଧୃତିପୂର୍ଣ୍ଣ ଅନୁରାଗ ନେଇ ଶ୍ରଦ୍ଧାସ୍ପଦଙ୍କୁ ଅନୁସରଣ କରିବା, ଆଉ ସେହି ଶ୍ରଦ୍ଧା ହିଁ ତୁମକୁ ଧୃତି-ମୁଖର କରି ତୋଳିବ। ଭଗବାନ ଶିବଙ୍କର ଅନ୍ୟ ଏକ ନାମ ନକୁଳ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ ଯାହାଙ୍କର କୌଣସି କୂଳ ନାହିଁ, କିନାରା ନାହିଁ, ସୀମା ନାହିଁ, ସେ ହିଁ ନକୁଳ। ଗୁରୁ ହିଁ ଶିବ ଓ ସେ ଭକ୍ତଙ୍କୁ ଦୁର୍ଗମ ଓ କଣ୍ଟକାକୀର୍ଣ୍ଣ ପଥରେ ହାତ ଧରି ଚାଲିବାର କୌଶଳ ଶିଖାଇ ଦିଅନ୍ତି।

*ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭*




# ସଂଗ୍ରାମୀ ଯୁବଛାତ୍ର ସଂଗଠନ ତରଫରୁ ଓଡ଼ିଶାରେ ବେରୋଜଗାର ସମସ୍ୟାର ସମାଧାନ ଶୀର୍ଷକ ଗୋଲଟେବୁଲ୍ ଆଲୋଚନାଚକ୍ର ଅନୁଷ୍ଠିତ




ଭୁବନେଶ୍ୱର (ପିଏନ୍): ସଂଗ୍ରାମୀ ଯୁବ ଛାତ୍ର ସଂଗଠନ ତରଫରୁ ଓଡ଼ିଶାରେ ବଢ଼ି ଚାଲିଥିବା ବେରୋଜଗାର ସମସ୍ୟାର ସମାଧାନ ଶୀର୍ଷକ ଏକ ଆଲୋଚନାଚକ୍ର ସଙ୍ଗଠନର ରାଜ୍ୟ ସଂଯୋଜକ ମୀର ଅହମ୍ମଦ ଅଲ୍ଲିଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ପୂର୍ବତନ ମନ୍ତ୍ରୀ ଓ ବିଧାୟକ, ସାମ୍ବାଦିକ, ସାମାଜିକ କର୍ମୀ, ସାମାଜିକ ସଙ୍ଗଠନର ସଦସ୍ୟ, ବୁଦ୍ଧିଜୀବୀ ପ୍ରମୁଖ ଭାଗ ନେଇ ବେରୋଜଗାର ସମସ୍ୟାର ସମାଧାନ ସମ୍ପର୍କରେ ତଥ୍ୟ ସମ୍ବଳିତ ପ୍ରସ୍ତାବଗୁଡ଼ିକ ଉପସ୍ଥାପନ କରିଥିଲେ। ସରକାର ଅବିଳମ୍ବେ ଖାଲି ପଡ଼ିଥିବା ପଦବୀର ପୂରଣ, ଚୁକ୍ତିଭିତ୍ତିକ ପଦବୀଗୁଡ଼ିକୁ ବାତିଲ କରି ସ୍ଥାୟୀ ନିଯୁକ୍ତି, ନିଯୁକ୍ତିକୈନ୍ଦ୍ରିକ ଶିଳ୍ପର ପ୍ରତିଷ୍ଠା, କୃଷି ଶିଳ୍ପରେ ରୋଜଗାର ସୃଷ୍ଟି, ଜଙ୍ଗଲ ଓ କୃଷିଜାତ ଦ୍ରବ୍ୟର ସୁଲଭ ବଜାର ବ୍ୟବସ୍ଥା, ପର୍ଯ୍ୟଟନ କ୍ଷେତ୍ରର ବିକାଶରେ ନିଯୁକ୍ତି ସମ୍ଭାବନା, କୁଟୀର ଶିଳ୍ପ, ଓଡ଼ିଶାର ସୁଦୀର୍ଘ ୪୮୦ କି.ମି. ବେଳାଭୂମିର ସୁଲାଭ ଉଠାଇ ପର୍ଯ୍ୟଟନ କ୍ଷେତ୍ରରେ ବ୍ୟାପକ ନିଯୁକ୍ତିର ସମ୍ଭାବନା, ସ୍ୱାସ୍ଥ୍ୟ, ଶିକ୍ଷା କ୍ଷେତ୍ରରେ ଖାଲି ପଡ଼ିଥିବା ପଦବୀରେ ତୁରନ୍ତ ନିଯୁକ୍ତି, ନିଯୁକ୍ତିଭିତ୍ତିକ ଶିକ୍ଷା ପ୍ରଦାନ ପ୍ରମୁଖ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା ଓ ସରକାର ଏଥିପ୍ରତି ଦୃଢ଼ମନା ଓ ଆନ୍ତରିକତା ଭାବ ଦେଖାଇଲେ ସମସ୍ୟାର ସମାଧାନ ହୋଇପାରିବ ବୋଲି ଉପସ୍ଥିତ ଅଂଶଗ୍ରହଣକାରୀମାନେ ମତବ୍ୟକ୍ତ କରିଥିଲେ।

ଏହି ଆଲୋଚନାଚକ୍ରରେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ନାରାୟଣ ରେଡ୍ଡୀ, ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ, ବରିଷ୍ଠ ସ୍ତମ୍ଭକାର ଅମୀୟ ପାଣ୍ଡବ, କଂଗ୍ରେସ ମୁଖପାତ୍ର ବିସ୍ମୟ ମହାପାତ୍ର, ବରିଷ୍ଠ ସାମ୍ବାଦିକ ରବି ଦାସ, କେଦାର ମିଶ୍ର, ସତୀଶ ମିଶ୍ର, ଶ୍ରମିକ ନେତା ମହେନ୍ଦ୍ର ପରିଡ଼ା, ସମାଜବାଦୀ ପାର୍ଟିର ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ, ଓଡ଼ିଶା ଅଭିଭାବକ ମହାସଂଘର ସଭାପତି ବାସୁଦେବ ଭଟ୍ଟ, ଆର୍.ପି.ଆଇ. ଓଡ଼ିଶା ରାଜ୍ୟ ଅଧ୍ୟକ୍ଷ ଶେଖ ଅବଦୁଲ ୱାଲି, ଏ.ଆଇ.ଏସ୍.ଏଫ୍.ର ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା, ସଂଗ୍ରାମୀ ଯୁବଛାତ୍ର ସଂଗଠନର ରାଜ୍ୟ ସହସଂଯୋଜକ ମାନସ ରଞ୍ଜନ ସାହୁ, ସଞ୍ଜିତା ମହାପାତ୍ର, ଅଂଶୁମାନ ଦାସ, ସାମାଜିକ କର୍ମୀ ନୀରଦ ଖୁଣ୍ଟିଆ, ବିନ୍ଦୁଜା ଉପାଧ୍ୟାୟ, ସିଦ୍ଧାର୍ଥ ରଞ୍ଜନ, ଦିଲ୍ଲୀପ ବିଶ୍ୱାଳ ଓ ଜଗନ୍ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ନୂତନ ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ନିଯୁକ୍ତିରେ ବିଳମ୍ବ

ଖୋର୍ଦ୍ଧା (ପିଏନ୍)-ଖୋର୍ଦ୍ଧା ଜିଲ୍ଲାରେ କାର୍ଯ୍ୟରତ ଆଂଚଳିକ ସାଧନ କେନ୍ଦ୍ରର ସଂଯୋଜକଙ୍କର କାର୍ଯ୍ୟକାଳ ପାଂଚବର୍ଷ ପୂର୍ଣ୍ଣ ହୋଇଯାଇଥିବା ବେଳେ ତାଙ୍କ ସ୍ଥାନରେ ନୂତନ ଭାବେ ସାଧନ କର୍ମୀ ନିଯୁକ୍ତିରେ ଅହେତୁକ ବିଳମ୍ବ ଘଟୁଛି। ସରକାରୀ ନିୟମ ଅନୁସାରେ ସାଧନ କେନ୍ଦ୍ର ସଂଯୋଜକଙ୍କ କାର୍ଯ୍ୟକାଳ ପାଂଚ ବର୍ଷ ସ୍ଥିରିକୃତ ହୋଇଥିଲେ ମଧ୍ୟ ପ୍ରଶାସନ ନିୟମକୁ ଖୋଲାଖୋଲି ନିୟମ ଉଲଂଘନ କରୁଥିବାର ଦେଖାଯାଇଛି । ପୁରାତନ ସିଆରସିସିଙ୍କ କାର୍ଯ୍ୟକାଳ ପାଂଚ ମାସରୁ ଊର୍ଦ୍ଧ୍ୱ ବିତି ଯାଇଥିଲେ ଅବ୍ୟାହତି ନ ଦେଇ ନୂତନ ସାଧନ କେନ୍ଦ୍ର କର୍ମୀଙ୍କ ନିଯୁକ୍ତିକୁ ଦୁଇ ମାସ ହେବ ଭିଜନ ଟେଷ୍ଟ କରାଯାଇଛି। ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ପୁରାତନ ସାଧନ କର୍ମୀଙ୍କ ଅବ୍ୟାହତିର ଅହେତୁକ ବିଳମ୍ବ ଘଟିବାର କାରଣ କ'ଣ ରହିଛି ତାହା ସ୍ପଷ୍ଟ ଭାବେ ଜଣାପଡୁନାହିଁ।

# 'ଶୋଭା'ର ସପ୍ତମ ବାର୍ଷିକ ଉତ୍ସବରେ ନାଟକ 'ବିଷକୁମ୍ଭ'




ବାଲେଶ୍ୱର (ପିଏନ୍): ଦୀର୍ଘ ଦୁଇବର୍ଷ ପରେ ବାଲେଶ୍ୱରର ଏକମାତ୍ର ପ୍ରେକ୍ଷାଳୟ ଓ.ଟି.ରୋଡ଼ସ୍ଥିତ ଗାନ୍ଧିସ୍ମୃତିଭବନରେ ବିଶିଷ୍ଟ ନାଟ୍ୟକାର ଡକ୍ଟର ପ୍ରଦୀପ ଭୌମିକଙ୍କ ରଚିତ ଏବଂ ଅର୍ଣ୍ଣବ କରଙ୍କ ନିର୍ଦ୍ଦେଶିତ ନାଟକ 'ବିଷକୁମ୍ଭ' ନାଟ୍ୟାନୁଷ୍ଠାନ 'ଶୋଭା'ର ସପ୍ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ସଫଳତାର ସହ ମଞ୍ଚସ୍ଥ ହୋଇଯାଇଛି। ଏହି ସାଂସ୍କୃତିକ ସନ୍ଧ୍ୟାକୁ 'ଶୋଭା'ର ସଭାପତି ସିଦ୍ଧାର୍ଥ ସାରଥୀ ଦାସଙ୍କ ଅଧ୍ୟକ୍ଷତାରେ ପ୍ରାଧ୍ୟାପକ ରାଜେନ୍ଦ୍ର କିଶୋର ରାୟ, ପ୍ରସିଦ୍ଧ ଗୀତିକାର ରମାକାନ୍ତ ଦାସ (ଆକାଶବାଣୀ) ଏବଂ କବି-ନାଟ୍ୟକାର ଶ୍ରୀଦେବଙ୍କ ବକ୍ତବ୍ୟରେ ନାଟକ ଯୁଗଯୁଗଧରି ସମାଜକୁ ଦିଗ୍‌ଦର୍ଶନ ଦେଇଆସିଛି, ଭଲ ନାଟକ ସାମାଜିକ ଜୀବନରେ ସକାରାତ୍ମକ ରାହା, ମାନବ ଜାତିର ଚେତନା ସଂବୃଦ୍ଧି କରାଇଥାଏ ବୋଲି ଅତିଥିଗଣ ନିଜନିଜର ଅଭିବ୍ୟକ୍ତି ରଖିଥିଲେ। ଏହି ଅବକାଶରେ ଓଡ଼ିଶାର ବିଶିଷ୍ଟ ନାଟ୍ୟକାର ନିର୍ଦ୍ଦେଶକ ଅଭିନେତା, ସଂଗୀତ-ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଭାସ୍କର ଚନ୍ଦ୍ର ମହାପାତ୍ରଙ୍କୁ ତାଙ୍କର ସାମଗ୍ରିକ ସାରସ୍ୱତ ସଫଳତା ପାଇଁ 'ଶୋଭା' ତରଫରୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ସମାବର୍ତ୍ତନ ଉତ୍ସବରେ ଅଜୟ ଆଚାର୍ଯ୍ୟଙ୍କ ଦ୍ୱାରା ଅତିଥିଆବାହନ କରାଯାଇଥିଲାବେଳେ 'ଶୋଭା'ର ସଂପାଦକ ଆଶିଷ ବର୍ଦ୍ଧନ ସଂପାଦକୀୟ ବିବରଣୀ ପାଠ କରିଥିଲେ। ପରିଶେଷରେ ସଦସ୍ୟା ମାମା ମିଶ୍ରଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା। ରକ୍ଷଣଶୀଳ ପରିବାରର ପୁଅ 'କାହ୍ନୁ' ଜୀବନର ଝଡ଼ଝଞ୍ଜା, ଉତ୍‌ଥାନ ପତନର ସାମନା କରି ଜୀବନଯାତ୍ରାରେ ଥକି ନ ପଡ଼ି ମାର୍ଗଦର୍ଶିକା ପାଲଟିଯିବା ନାଟକ 'ବିଷକୁମ୍ଭ'ରେ ଏହି ସାମାଜିକ ପ୍ରତିଫଳନକୁ ଅଭିନେତା ଆଶିଷ, ମଦନ, ଶୁଭଙ୍କର, ଅର୍ଣ୍ଣବ, ଲକ୍ଷ୍ମୀ, ଅନନ୍ତ, ବୁଲୁ, ଶିଶୁକଳାକାର ନିହାର, ପୁନମ୍ ଏବଂ ଅଭିନେତ୍ରୀ ସୁସ୍ମିତା ରଣାଙ୍କ ଜୀବନ୍ତ ଅଭିନୟକୁ ଦର୍ଶକମାନେ ଉପଭୋଗ କରିଥିଲେ।

## ବରିଷ୍ଠ ନାଗରିକ ସଂଘ ଓ ରୋଟାରୀ କ୍ଲବର ମିଳିତ ଆନୁକୂଲ୍ୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଯାଜପୁର (ପିଏନ୍): ବରିଷ୍ଠ ନାଗରିକ ସଂଘ ଏବଂ ରୋଟାରୀ କ୍ଲବ ଯାଜପୁରର ମିଳିତ ଆନୁକୂଲ୍ୟରେ ଏ.ବି. ହାଇସ୍କୁଲ ଅକରପଡ଼ା ଓ ଆର.କେ. ହାଇସ୍କୁଲ, ଭେଲଙ୍ଗ ବିଦ୍ୟାଳୟ ପରିସରରେ ଚଳିତ ମାସ ୧୬ ତାରିଖ ଶୁକ୍ରବାର ଦିନ ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ବିଦ୍ୟାଳୟ ପରିସର ସବୁଜିମା କରିବା ନିମନ୍ତେ ବହୁ ମୂଲ୍ୟବାନ ବୃକ୍ଷରୋପଣ କରାଯାଇଥିଲା। ପ୍ରତ୍ୟେକ ବୃକ୍ଷର ରକ୍ଷଣାବେକ୍ଷଣ ନିମନ୍ତେ ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆବର୍ଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ରୋଟାରୀ କ୍ଲବର ସଭାପତି ସୁବାସ ଚନ୍ଦ୍ର ମହାପାତ୍ର ବରିଷ୍ଠ ନାରଗିକ ସଂଘର ସଂପାଦକ ପ୍ରବୋଧ କୁମାର ନାୟକ, ଡା. ରାଜକିଶୋର ପଣ୍ଡା, ବିବେକାନନ୍ଦ ବିଶ୍ୱାଳ, ଉଦୟ ନାରାୟଣ ପରିଡ଼ା, ଗୋପିନାଥ ସେଠୀ, ଧନଞ୍ଜୟ କେଶରୀ ରାଉତ, ବୃନ୍ଦାବନ ମିଶ୍ର, ମଧୁସୂଦନ ମହାନ୍ତି, ପ୍ରଶାନ୍ତ କୁମାର ନାୟକ ଓ ବ୍ରହ୍ମାନନ୍ଦ ସ୍ୱାଇଁ ପ୍ରମୁଖ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସହଯୋଗ କରି ବିଦ୍ୟାଳୟର ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

# ବିଭିନ୍ନ ଦୁର୍ନୀତି ଅଭିଯୋଗରେ ସଦର ବ୍ଲକ ଘେରାଓ

ବାଲେଶ୍ୱର (ପିଏନ୍)- ବାଲେଶ୍ୱର ସଦର ବ୍ଲକରେ ଦୀର୍ଘଦିନ ଧରି ଚାଲି ଆସୁଥିବା ଭ୍ରଷ୍ଟାଚାର ଓ ଦୁର୍ନୀତି ପ୍ରତିବାଦରେ ତଥା ସାଧାରଣ ଜନତାଙ୍କ ହକରେ ବାଧକ ସାଜିଥିବା ଧୃତରାଷ୍ଟ୍ର ସଦୃଶ୍ୟ ପ୍ରଶାସନ ବିରୁଦ୍ଧରେ ଭାରତୀୟ ଜନତା ପାର୍ଟି ସଦର ବ୍ଲକ ତରଫରୁ ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ତଥା ସଦର ନେତା ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ ହଜାର ହଜାର ଜନସାଧାରଣ ବ୍ଲକ ଘେରାଓ ଡାକରା ଦେଇଥିଲେ। ବରିଷ୍ଠ ନେତା ରବିନାରାୟଣ ମହାପାତ୍ର ଓ ଗୌରାଙ୍ଗ ଦାସ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଆୟୋଜିତ ସଭାରେ ସମସ୍ତ ମଣ୍ଡଳର ସଭାପତି, ପ୍ରଭାରୀ, ଜିଲ୍ଲା ପରିଷଦ ସଭ୍ୟ, ସରପଞ୍ଚ, ସମିତିସଭ୍ୟ, ମଣ୍ଡଳର ସାଧାରଣ ସମ୍ପାଦକ, ପଞ୍ଚାୟତ ସଭାପତି, ବିଭିନ୍ନ ମୋର୍ଚ୍ଚାର ମୁଖ୍ୟ ତଥା ମୁଖ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସଦର ବ୍ଲକରେ ଦୀର୍ଘଦିନ ଧରି ପ୍ରଶାସନ ଓ ଶାସକ ଦଳର ସଲାସୁତୁରାରେ କିଭଳି କାମ ନ କରି ଲକ୍ଷ ଲକ୍ଷ ଟଙ୍କାର ବିଲ ହଡପ ହେଉଛି, ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନଦେଇ ଅଯୋଗ୍ୟଙ୍କୁ ପ୍ରଦାନ କରାଯାଉଛି, ଦୀର୍ଘଦିନ ଧରି ପ୍ରକଳ୍ପ ସରିବା ପରେ ମଧ୍ୟ ବିଲ ପ୍ରଦାନରେ ଜାଣିଶୁଣି ବିଳମ୍ବ କରିବା, ଏଫ.ଡି.ଆର.ରେ ବନ୍ୟା କ୍ଷତିଗ୍ରସ୍ତ ରାସ୍ତାକୁ ସାମିଲ ନକରି ଶାସକଦଳର କଥାରେ ପକ୍କା ରାସ୍ତାକୁ ସାମିଲ କରିବା, ବୟସ୍କ ଓ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ନଦେଇ ଧନୀ ଓ ଅଯୋଗ୍ୟ ଲୋକଙ୍କୁ ଭତ୍ତା ପ୍ରଦାନ କରିବା, ବିଶେଷ କରି ବିଡିଓ ମହୋଦୟ ବିରୋଧିଦଳ ପ୍ରତି ବର୍ଷ ବର୍ଷ ଧରି ପାତର ଅନ୍ତର କରିବା ସଂପର୍କରେ ବକ୍ତବ୍ୟ ରଖିବା ସହ ଏକ ୭ ଦଫା ଦାବୀ ନେଇ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ବ୍ଲକ ଘେରାଓ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଉକ୍ତ ୭ ଦଫା ଦାବୀ ମଧ୍ୟରେ ଏଫ.ଡି.ଆର ପ୍ରକଳ୍ପଗୁଡିକ ନିରପେକ୍ଷ ତଦନ୍ତ କରି ଚୁଡାନ୍ତ ତାଲିକାରେ ସାମିଲ କରିବା, ଦୀର୍ଘଦିନ ଧରି ସଂପୂର୍ଣ୍ଣ ହୋଇଥିବା ପ୍ରକଳ୍ପ ଗୁଡିକର ବିଲକୁ ଉଦ୍ଦେଶ୍ୟମୂଳକ ଭାବେ ବିଳମ୍ବ ନକରି ଶୀଘ୍ର ପ୍ରଦାନ କରିବା, ୫-ଟିରେ ସାମିଲ ସ୍କୁଲକୁ ବିନା ସରକାରୀ ନିର୍ଦ୍ଦେଶରେ ସରପଞ୍ଚ ମାନଙ୍କୁ ପଞ୍ଚାୟତ ପାଣ୍ଠିରୁ ପ୍ରଦାନ କରିବାକୁ ବାଧ ନକରିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ଆବେଦନ କରିଥିବା ହିତାଧିକାରୀଙ୍କୁ ତୁରନ୍ତ ତଦନ୍ତ କରି ଚୂଡାନ୍ତ ତାଲିକା ପ୍ରସ୍ତୁତ କରିବା, ଭତ୍ତା ବିଭାଗର ଦାୟିତ୍ୱରେ ଥିବା ଅଧିକାରୀ ତୁରନ୍ତ ଯୋଗ୍ୟ ହିତାଧିକାରଙ୍କୁ ଭତ୍ତା ପ୍ରଦାନ କରିବା, ସୂଚନା ଅଧିକାର ଆଇନ ସମ୍ପର୍କିତ ତଥ୍ୟାବଳୀକୁ ଆବେଦନକାରୀଙ୍କୁ ପ୍ରଦାନ କରିବାରେ ଜାଣିଶୁଣି ବିଳମ୍ବ ନକରି ୩୦ ଦିନ ମଧ୍ୟରେ ପ୍ରଦାନ କରିବା, ବିଜେପି ଦଳର ନିର୍ବାଚିତ ଜନପ୍ରତିନିଧି ମାନଙ୍କୁ ବିଡିଓ ମହୋଦୟ ଅସୂୟା ମନୋଭାବ ଓ ପାତର ଅନ୍ତର ନକରି ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା ପାଇଁ ଦାବୀ କରିଥିଲେ। ପରିଶେଷରେ ଅତିରିକ୍ତ ଜିଲ୍ଲାପାଳ ସଭାସ୍ଥଳକୁ ଆସି ଦାବୀପତ୍ର ଗ୍ରହଣ କରିବା ସହ ୧୦ ଦିନ ମଧ୍ୟରେ ଉକ୍ତ ୭ ଦଫା ଦାବୀଗୁଡିକ ପୂରଣ କରିବେ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ପରେ ପ୍ରତିଶ୍ରୁତିକୁ ସମ୍ମାନ ଜଣାଇ ଆନ୍ଦୋଳନକୁ ଭଙ୍ଗ କରାଯାଇଥିଲା।

## ବସ୍ତାରେ ହାତୀ ଆତଙ୍କ, ବନ ବିଭାଗ ବେଫିକର

ବାଲେଶ୍ୱର (ପିଏନ୍)-ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ଲଛମନଖୁଣ୍ଟା ଅଞ୍ଚଳରେ ଏକ ଦନ୍ତା ହାତୀ ବାରମ୍ବାର ଉପଦ୍ରବ କରୁଛି। ଏ ନେଇ ଗ୍ରାମବାସୀ ଜିଲ୍ଲାପାଳ ଓ ଡିଏଫଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ମାତ୍ର କେହି ଶୁଣୁନାହାନ୍ତି। ଗତ ବୁଧବାର ରାତିରେ ଏହି ହାତୀଟି ଲଛମନଖୁଣ୍ଟାର କାରାସାହିକୁ ଯାଇ ବୁଧୁନି ସିଂଙ୍କ ଘର ଭାଙ୍ଗିଥିବା ଦେଖିବାକୁ ମିଳିଛି। ଘରର ଆସବାବପତ୍ର ଓ ଧାନଚାଉଳ ସବୁ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ପୂର୍ବରୁ ହାତୀଟି ୧୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗି ଦେଇଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ବନବିଭାଗ ପକ୍ଷରୁ ହାତୀଟିକୁ ଗାଁରୁ ଘଉଡ଼ାଇବା ପାଇଁ ବିଫଳ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ହାତୀଟି ବାଲେଶ୍ୱର ଓ ମୟୁରଭଞ୍ଜ ସୀମାର ଜଙ୍ଗଲ ମଧ୍ୟରେ ରହୁଥିବା ଜଣାପଡ଼ିଛି। ଅଧିକାଂଶ ହାତୀ ମୟୁରଭଞ୍ଜ ପଟୁ ଏହି ଗାଁକୁ ପଶି ବ୍ୟାପକ କ୍ଷୟକ୍ଷତି କରୁଥିବାରୁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବାପାଇଁ ଦାବି ହେଉଛି। ରାତିରେ ବନ ବିଭାଗକୁ ଖବର ଦେଲେ ବିଭାଗୀୟ ଅଧିକାରୀ ହାତୀ ଘଉଡ଼ାଇବା ପାଇଁ ଅନିଚ୍ଛା ପ୍ରକାଶ କରୁଛନ୍ତି। ସାତ ମାସ ଧରି ରୂପସା ଅଞ୍ଚଳକୁ ହାତୀ ପଶି କ୍ଷୟକ୍ଷତି କରୁଥିଲେ ମଧ୍ୟ ଏହାର ସ୍ଥାୟୀ ପ୍ରତିକାର ପାଇଁ ବନ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ପ୍ରଶାସନ ପକ୍ଷରୁ ଏ ପର୍ଯ୍ୟନ୍ତ ଭାଙ୍ଗିଥିବା ଘରର ତଦନ୍ତ କରାଯାଉ ନ ଥିବା କାରଣରୁ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ସମସ୍ୟାର ସମାଧାନ ନ ହେଲେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର +୨ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଦର୍ପଣ (ପିଏନ )-ଚଣ୍ଡିଖୋଲ ସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର +୨ ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଗତ ଗୁରୁବାର ମହାବିଦ୍ୟାଳୟର ନବମାଳତୀ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ସମ୍ବର୍ଦ୍ଧନା ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ମନୋଜ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ନବାଗତ ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଶୃଙ୍ଖଳାଜ୍ଞାନ, ଆଚରଣ ଉଚ୍ଚାରଣ, ସମୟାନୁବର୍ତ୍ତିତା ଓ କର୍ତବ୍ୟନିଷ୍ଠ ହେବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଅଧକ୍ଷ ଡକ୍ଟର ଦାସ ଉପଦେଶ ଦେଇଥିଲେ। ଏଥିରେ କ୍ୟାରିଅର କାଉନସେଲିଂର ସଂଯୋଜକ ଅଧ୍ୟାପକ ଡକ୍ଟର ପ୍ରମୋଦ କୁମାର ଦାସ, ଅଧ୍ୟାପକ ଦୋଳଗୋବିନ୍ଦ ଦାସ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାନୁଷ୍ଠାନର ନିୟମକାନୁନ ଓ ପରମ୍ପରାକୁ ମାନିନେବାକୁ ପରାମର୍ଶ ଦେଇଥିଲେ। ଏଥିରେ ଯୋଗଦେଇଥିବା ନବାଗତ ଛାତ୍ରଛାତ୍ରୀମାନେ ସେମାନଙ୍କର ନୂତନ ଅନୁଭୂତି ସମ୍ପର୍କରେ ବର୍ଣ୍ଣନା କରିବା ସହିତ ଛାତ୍ର ଜୀବନରେ ଗୁରୁଶିଷ୍ୟମାନଙ୍କ ମଧ୍ୟରେ ଯେଉଁ ସମ୍ପର୍କ ରହିବା କଥା ସେସବୁକୁ ଆମେ ଗ୍ରହଣ କରି ମହାବିଦ୍ୟାଳୟର ସୁନାମ ରଖିବା ପାଇଁ ଚେଷ୍ଟା କରିବୁ ବୋଲି ପ୍ରକାଶ କରିଥିଲେ।

## ଧର୍ମଶାଳାରେ ନୂଆ ବିଡ଼ିଓ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ୍‌ର ନୂଆ ବିଡିଓ ଭାବେ ଦେବେନ୍ଦ୍ର ପ୍ରସାଦ ବଳ କାର୍ଯ୍ୟରେ ଯୋଗ ଦେଇଛନ୍ତି । ପୂର୍ବ ବିଡ଼ିଓ ଅରବିନ୍ଦ ବେହେରାଙ୍କର ଅନୁଗୁଳ ବ୍ଲକ୍‌କୁ ବଦଳି ହୋଇଛି । ଏ ନେଇ ପଞ୍ଚାୟତିରାଜ ବିଭାଗ ପତ୍ର ସଂଖ୍ୟା-୧୫୫୩୩/୧୨.୮.୨୨ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ବ୍ଲକରେ ଚାଲିଥିବା ମନରେଗା, ଖାଦ୍ୟ ସୁରକ୍ଷା, ପାନୀୟ ଜଳ ଯୋଗାଣ, ଆବାସ ଆଦି ବିଭିନ୍ନ ଦୁର୍ନୀତି ଘଟଣାରେ ପୂର୍ବ ବିଡ଼ିଓ ବିବାଦୀୟ ହୋଇ ପଡ଼ିଥିଲେ । ଏ ସଂପର୍କରେ ଏକାଧିକ ମାମଲା ହାଇକୋର୍ଟଠାରୁ ଆରମ୍ଭ କରି ଲୋକାୟୁକ୍ତରେ ବିଚାରାଧୀନ ରହିଥିବା ବେଳେ ବ୍ଲକ ପ୍ରଶାସନକୁ କାଠଗଡ଼ାରେ ଠିଆ ହେବାକୁ ପଡ଼ିଥିଲା । ପରେ ନବରଙ୍ଗପୁର ଜିଲ୍ଲା ରାଇଘର ବିଡ଼ିଓ ଶ୍ରୀ ବଳଙ୍କୁ ଧର୍ମଶାଳାକୁ ବଦଳି କରାଯାଇଥିଲା । ବ୍ଲକ୍ କର୍ମଚାରୀଙ୍କ ପକ୍ଷରୁ ପୂର୍ବ ବିଡ଼ିଓଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ନୂତନ ବିଡ଼ିଓଙ୍କୁ ସ୍ୱାଗତ କରାଯାଇଛି ।

## ଭାରତ ବନ୍ଦର ମଜଦୁର ସଂଘ ପରିସରରେ ଦେବଶିଳ୍ପୀ ବିଶ୍ୱକର୍ମା ପୂଜା

ପାରାଦୀପ (ପିଏନ)-ପାରାଦୀପ ବନ୍ଦରର ପ୍ରମୁଖ ଶ୍ରମିକ ସଂଗଠନ ଭାରତ ବନ୍ଦର ମଜଦୁର ସଂଘର ନୂଆବଜାରସ୍ଥିତ କାର୍ଯ୍ୟାଳୟ ପରିସରରେ ଚଳିତ ବର୍ଷର ବିଶ୍ୱକର୍ମା ପୂଜା ଆୟୋଜିତ ହୋଇଥିଲା । ସଂଘର ପାରାଦୀପ ଶାଖା ସଭାପତି ଶ୍ରମିକ ନେତା ରାକେଶ କୁମାର ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦେବଶିଳ୍ପୀଙ୍କର ଏହି ପୂଜା ଉତ୍ସବ ଯଥାରିତି ଓ ନିତିର ସହିତ ପାଳନ କରାଯାଇଥିଲା । ଦେଶର ସର୍ବପୁରାତନ ଶ୍ରମିକ ସଂଗଠନର ଦେଶର ବିଭିନ୍ନ ସ୍ଥାନରେ ସୁନାମ ରହିଛି । ପ୍ରତିଷ୍ଠାର ୧୦୦ ବର୍ଷ ପୂରଣ କରି ସାରିଥିବା ଏହି ଶ୍ରମିକ ସଂଗଠନର ପାରାଦୀପରେ ବେଶ ଦବ୍‌ଦବା ରହିଛି । କୋଭିଡ୍ କଟକଣା ସମୟରେ ବି ଦେବଶିଳ୍ପୀଙ୍କର ପୂଜା ନିରାଡମ୍ବର ଭାବେ ପାଳିତ ହୋଇଥିଲା । ଚଳିତ ବର୍ଷ ପାରାଦୀପରେ ଆଉ ସୁଉଚ୍ଚ ତୋରଣ ସହିତ ପୂଜା ହେଉ ନଥିବା ବେଳେ ଶ୍ରମିକ ସଂଗଠନ ପରିସରରେ ବିଶ୍ୱକର୍ମାଙ୍କର ପୂଜା ସମ୍ପନ୍ନ କରିବାକୁ ଭୁଲି ନାହାନ୍ତି ସଭାପତି ଶ୍ରୀ ପଟ୍ଟନାୟକ, ସାଧାରଣ ସମ୍ପାଦକ ଶ୍ରୀକାନ୍ତ ରାୟ ଓ ଅନ୍ୟ କର୍ମକର୍ତାମାନେ । ଏହି ଅବସରରେ ବନ୍ଦର ସେବାରୁ ଅବସର ଗ୍ରହଣ କରିଥିବା ୧୦ ଜଣ ବନ୍ଦର କର୍ମଚାରୀମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା ।

## ମାଗଣା ହୃଦୟ ଚିକିତ୍ସା ଶିବିର

ଧର୍ମଶାଳା (ପିଏନ୍): ରୋଟାରୀ କ୍ଲବ ଜାରକା ଓ ଆପୋଲୋ ହସପିଟାଲ ଭୁବନେଶ୍ୱର ମିଳିତ ଆନୁକୂଲ୍ୟରେ ଧର୍ମଶାଳା ବ୍ଲକ ଜାରକା ଷ୍ଟାଡିୟମରେ ସେପ୍ଟେମ୍ବର ୨୬ ତାରିଖରେ ଏକ ମାଗଣା ହୃଦୟ ଚିକିତ୍ସା ଶିବିର ଅନୁଷ୍ଠିତ ହେବ । ବିଶ୍ୱ ହୃଦୟ ଦିବସ ଅବସରରେ ଆୟୋଜିତ ଏହି ଶିବିରକୁ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଉଦ୍‌ଘାଟନ କରିବେ । ୪୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିମାନେ ଏହି ଚିକିତ୍ସାର ସୁଯୋଗ ନେଇପାରିବେ । ଏଥିପାଇଁ ସେପ୍ଟେମ୍ବର ୨୫ ତାରିଖ ସକାଳ ୧୦ରୁ ଅପରାହ୍ନ ୩ଟା ମଧ୍ୟରେ ଜାରକା ରୋଟାରୀ କ୍ଲବ ପରିସରରେ ପଂଜିକରଣ କରିବା ପାଇଁ କ୍ଲବର ସଭାପତି ପ୍ରମୋଦ କୁମାର ସାମଲ ଓ ସମ୍ପାଦକ ସୁକାନ୍ତ ସ୍ୱାଇଁ ସୂଚନା ଦେଇଥିଲେ ।

## ଲକ୍ଷ୍ମୀନାରାୟଣ ହାଇସ୍କୁଲର ପୁରାତନ ଛାତ୍ରଛାତ୍ରୀମାନଙ୍କ ବନ୍ଧୁ ମିଳନ

ଯାଜପୁର (ପିଏନ୍): ଯାଜପୁର ବ୍ଲକ ଚିତାହଟାରେ ଅବସ୍ଥିତ ଲକ୍ଷ୍ମୀନାରାୟଣ ହାଇସ୍କୁଲ ପରିସରରେ ୨୦୦୮ ବ୍ୟାଚର ପୁରାତନ ଛାତ୍ରଛାତ୍ରୀମାନେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ନିମନ୍ତ୍ରଣ କରି ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଗୁରୁଜୀ ନିରଂଜନ ଦାସ, ପ୍ରଫୁଲ୍ଲ ଦାସ, ସୁରେଶ ଚନ୍ଦ୍ର ବଭି, ନିରଂଜନ ବାରିକ, ସରୋଜ କୁମର ସେଠି, ଅନନ୍ତ ଓଝା, ଅଶୋକ ରାଉତ, ବ୍ରହ୍ମାନନ୍ଦ ପହି, ଶଙ୍କର୍ଷଣ ସାହୁ, ସଦାନନ୍ଦ ପାଢ଼ୀ, ପ୍ରଗତି ଦୀକ୍ଷିତ, ରଙ୍ଗାଧର ସାର ଓ ପୁରାତନ ଛାତ୍ର ସମ୍ବିତ ମହାନ୍ତି, ରଂଜନ ରାଉତ, ସୌଭାଗ୍ୟ ସାହୁ, ସନ୍ତୋଷ ସାହୁ, ସତ୍ୟଶିବ ରାଉତରାୟ, ଶ୍ରଦ୍ଧାଞ୍ଜଳି ରାଉତ, ଦିପ୍ତିମୟୀ ରାଉତ, ବିରଜା ସାହୁ, ଶୁଭ୍ରାଂଶୁ ସାମଲ, ସୌଭାଗ୍ୟ ରାଉତ, ରତିକାନ୍ତ ନାୟକ, ସନ୍ତୋଷ ସାହୁ ପ୍ରମୁଖ ପୁରାତନ ଛାତ୍ରଛାତ୍ରୀମାନେ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ନିଜର ଅନୁଭୂତି ବାଣ୍ଟିଥିଲେ।

## ମହିଳାଙ୍କୁ ମାଡମାରି ବାପା ଓ ପୁଅ ଗିରଫ

ଧର୍ମଶାଳା (ପିଏନ୍): ଜେନାପୁର ଥାନା ଅନ୍ତର୍ଗତ ତାଳଜଙ୍ଗ ଗ୍ରାମରେ ଜଣେ ମହିଳାଙ୍କୁ ଗାଳିଗୁଲଜ କରିବା ସହ ମାଡ ମାରିବା ଅଭିଯୋଗରେ ପୁଲିସ ବାପା ଓ ପୁଅ ୨ ଜଣଙ୍କୁ ଗିରଫ କରିଛି । ତାଳଜଙ୍ଗ ଗ୍ରାମର ରାମଚନ୍ଦ୍ର ମହଲ୍ଲଙ୍କ ପତ୍ନୀ ମାମିନା ମହଲ୍ଲଙ୍କୁ ସେହି ଗ୍ରାମର ପୁଅ ସୁଦାମ ମହଲ୍ଲ (୨୫) ଓ ବାପା ଭାଗିରଥୀ ମହଲ୍ଲ (୫୨) ଗାଳିଗୁଲଜ କରିବା ସହ ମାଡମାରିଥିବା ନେଇ ମାମିନା ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୁଲିସ ୨୬୦/୨୨ରେ ଏକ କେଶ କରି ଉଭୟ ବାପା ଓ ପୁଅଙ୍କୁ ଗିରଫ କରି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି ।

## ବର୍ଷକର ଖୁରିଙ୍ଗ ଛୁଆ ଉଦ୍ଧାର

ଦର୍ପଣ (ପିଏନ)-ଗତ ଗୁରୁବାର ବାରୁଣାବନ୍ତ ପର୍ବତ ମଧଭାଗର ଏକ ଜଙ୍ଗଲରୁ ଏକ ଖୁରିଙ୍ଗ ଛୁଆ ଉଦ୍ଧାର ହୋଇଛି। ଖୁରିଙ୍ଗଟି ନିକଟରେ ଥିବା ଏକ ବୁଦା ଗଛରେ ପଶିଯାଇ ବାହାରିପାରୁ ନ ଥିଲା। ସେହିବାଟେ ସକାଳ ଭ୍ରମଣ କରିବାକୁ ଯାଇଥିବା ସ୍ୱେଚ୍ଛାସେବୀ ସନ୍ତୋଷ କୁମାର ବିଶ୍ୱାଳ ଖୁରିଙ୍ଗଟିର ଚିତ୍କାର ଶୁଣି ତାକୁ ଗଛରେ ଛନ୍ଦି ହୋଇଥିବା ଦେଖିବାକୁ ପାଇଥିଲେ। ସାହସର ସହିତ ଖୁରିଙ୍ଗଟିକୁ ସେ ସେଠାରୁ ବାହାର କରି ନିଜ ଘରେ ତା'ର ପ୍ରାଥମିକ ଚିକିତ୍ସା କରି ନିକଟସ୍ଥ ବନପାଳ ଶଶିକଣ୍ଠା ବେହେରାଙ୍କୁ ଖବର ଦେଇଥିଲେ। ପରେ ବନବିବିଭାଗର କର୍ମଚାରୀମାନେ ସେଠାରେ ପହଂଚି ତାକୁ ନେଇ ନିକଟସ୍ଥ ଜଙ୍ଗଲରେ ଛାଡିଦେଇଥିଲେ।

## ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ରକ୍ତଦାନ ଶିବିର

ଧର୍ମଶାଳା (ପିଏନ୍): ଧର୍ମଶାଳା ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ଜାରକାସ୍ଥିତ ଦଳୀୟ କାର୍ଯ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଯାଜପୁର ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସଭାପତି ବାବୁଲି ରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶତାଧିକ ବିଜେପି କର୍ମୀ ଯୋଗଦାନ କରି ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ । କଟକ ରେଡକ୍ରସ ନେତୃତ୍ୱରେ ଏକ ଟିମ ଏହି ରକ୍ତ ସଂଗ୍ରହ କରିଥିଲା । ଏହି ଶିବିରରେ ୩୯୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିବା ବେଳେ ଧର୍ମଶାଳା ନିର୍ବାଚନମଣ୍ଡଳୀ ବିଜେପି ନେତ୍ରୀ ସ୍ମୃତିରେଖା ପହି ଏହି ଶିବରକୁ ଉଦ୍‌ଘାଟନ କରିବା ସହିତ ନିଜେ ରକ୍ତଦାନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଏହି ରକ୍ତଦାନ ଶିବିରରେ ବନମାଳୀ ରାଉତ, ଜିଲ୍ଲା ଉପସଭାପତି ବିଭୁତି ଭୁଷଣ ଜେନା, ନିର୍ବାଚନମଣ୍ଡଳି ସଂଯୋଜକ ଆର୍ତବନ୍ଧୁ ପୃଷ୍ଟି, ରାଜ୍ୟ ପରିଷଦ ସଦସ୍ୟ ବିଶ୍ୱନାଥ ପଣ୍ଡା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।

## ଶନିଦେବଙ୍କ ମନ୍ଦିରରୁ ଚୋରି

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଜାରକା ପଞ୍ଚାୟତ ଉତର ଶାସନ ଗ୍ରାମସ୍ଥିତ ଶନିଦେବଙ୍କ ମନ୍ଦିରରୁ ବିଭିନ୍ନ ପୂଜା ସାମଗ୍ରୀ ଚୋରି ହୋଇଛି । ଏ ସଂପର୍କରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ନାରାୟଣ ବିଶ୍ୱାଳ ଥାନାରେ ଏତଲା ଦେଇଛନ୍ତି । ଚୋରମାନେ ଗ୍ରିଲ୍ ତାଲା ଭାଙ୍ଗି ମନ୍ଦିରରେ ପ୍ରବେଶ କରିଥିଲେ । ମନ୍ଦିରରେ ଥିବା ପିତଳ ବାଲଟି, ପୂଜାଥାଳି, ତସଲା, ୨ଟି ଘଣ୍ଟି, ଘଣ୍ଟ, ଆଳତି ଆଦି ବିଭିନ୍ନ ପୂଜା ସାମଗ୍ରୀ ଲୁଟି ନେଇଛନ୍ତି । ସକାଳେ ପୂଜକ ଅଜୟ କୁମାର ମହାପାତ୍ର ଏହା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ । ଏହାକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସେହିପରି ନିକଟରେ ଥିବା ଅମରେଶ୍ୱରୀଙ୍କ ମନ୍ଦିରରୁ ମା'ଙ୍କ ବିଭିନ୍ନ ସୁନା ଓ ରୂପା ଅଳଙ୍କାର ଏବଂ ବହୁ ପୂଜାସାମଗ୍ରୀ ଏକାଧିକ ଥର ଚୋରି ହୋଇଥିବା ଅଭିଯୋଗ ହୋଇଛି ।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ପୋଷ୍ଟାଲ କର୍ମଚାରୀଙ୍କ ଦିନିକିଆ ପ୍ରତିବାଦ ଆନ୍ଦୋଳନ

କେନ୍ଦୁଝର(ପିଏନ)-କେନ୍ଦ୍ର ମିଳିତ କ୍ରିୟାନୁଷ୍ଠାନ ଡାକ କର୍ମଚାରୀ ସଂଘ ଆହ୍ୱାନ କ୍ରମେ ସାରା ଦେଶରେ କେନ୍ଦ୍ର ସରକାରଙ୍କ କର୍ମଚାରୀ ମାରଣ ନୀତି ବିରୋଧରେ କେନ୍ଦୁଝରଗଡ ମୁଖ୍ୟ ଡାକଘରେ ଏକ ଦିନିକିଆ ପ୍ରତିବାଦାତ୍ମକ ଆନ୍ଦୋଳନ ଅନୁଷ୍ଠିତ ହୋଇଯାଇଛି । ସଂପ୍ରତି ସମସ୍ତ କେନ୍ଦ୍ରିୟ କର୍ମଚାରୀଙ୍କୁ ବୋନସ୍ ପ୍ରଦାନ ଆଇନ୍ ୧୯୭୮ ମସିହା ଠାରୁ ପ୍ରଚଳନ କରାଯାଅଛି । କିନ୍ତୁ ଚଳିତ ବର୍ଷ କରୋନାର ଆଳ ଦେଖାଇ କେନ୍ଦ୍ର କର୍ମଚାରୀଙ୍କ ମହଙ୍ଗା ଭତ୍ତା ତଥା ବୋନସ୍ ଇତ୍ୟାଦି ବର୍ତ୍ତମାନ ସୁଦ୍ଧା କର୍ମଚାରୀଙ୍କୁ ପ୍ରଦାନ କରାଗଲା ନାହିଁ । ହଜାର ହଜାର କୋଟି ଟଙ୍କା ସୌନ୍ଦର୍ଯ୍ୟକରଣ ଓ ଗସ୍ତ ଖର୍ଚ୍ଚ ଇତ୍ୟାଦିରେ ଅପବ୍ୟୟ ହେଉଥିଲେ ମଧ୍ୟ କେନ୍ଦ୍ର କର୍ମଚାରୀଙ୍କ ହକ୍ ଦାବି ପ୍ରତି ସରକାରଙ୍କ ଉଦାସିନତା ଯୋଗୁଁ କେନ୍ଦ୍ର କର୍ମଚାରୀଙ୍କ ମନରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି । ଏହାର ପ୍ରତିବାଦ ସ୍ୱରୂପ କେନ୍ଦୁଝର ଡାକଘରେ ତୃତୀୟ ଶ୍ରେଣୀ ଡାକ କର୍ମଚାରୀ ସମ୍ପାଦକ ଅମୂଲ୍ୟ ମିଶ୍ର, ଜିଲ୍ଲା ପୋଷ୍ଟମ୍ୟାନ୍ ସମ୍ପାଦ ତ୍ରିଲୋଚନ ମହାନ୍ତ, ଜିଲ୍ଲା ଗ୍ରାମୀଣ ଡାକ ସେବକ ସମ୍ପାଦକ ସଞ୍ଜୟ ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ ଗ୍ରାମୀଣ ଡାକ ସେବକ, ପୋଷ୍ଟାଲ କର୍ମଚାରୀ ଅଂଶ ଗ୍ରହଣ କରିଥିଲେ । ଏହି ପ୍ରତିବାଦ ସଭାରେ ପୂର୍ବତନ ରାଜ୍ୟ ସର୍କଲ ସମ୍ପାଦକ ନିର୍ମଳ ସିଂ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ଜିଲ୍ଲା ତୃତୀୟ ଶ୍ରେଣୀ ଡାକ କର୍ମଚାରୀ ସମ୍ପାଦକ ଅମୂଲ୍ୟ ମିଶ୍ର ତାଙ୍କ ଅଭିଭାଷଣରେ କହିଥିଲେ ଯେ ଇତିହାସର ପ୍ରଥମଥରପାଇଁ କେନ୍ଦ୍ର ସରକାର କର୍ମଚାରୀଙ୍କୁ ଶୋଷଣ କରିବାରେ ସଂକଳ୍ପ ନେଇଛନ୍ତି । ତେଣୁ କେନ୍ଦ୍ର ସରକାରଙ୍କ ଏତାଦୃଶ ଅନ୍ୟାୟ ଆଦେଶ ପାଇଁ କର୍ମଚାରୀମାନେ ଏହାର ଘୋର ବିରୋଧ କରିବା ବ୍ୟତୀତ ଅନ୍ୟ ବିକଳ୍ପ କିଛିନାହିଁ । ଗ୍ରାମୀଣ ଡାକ ସେବକ ଜିଲ୍ଲା ସମ୍ପାଦକ ସଞ୍ଜୟ ପଣ୍ଡା ଗ୍ରାମୀଣ ଡାକ ସେବକଙ୍କ ବହୁବିଦ୍ଧ ସମସ୍ୟା ସମ୍ବନ୍ଧେ ଦୃଷ୍ଟି ଆକର୍ଷଣ କରିଥିଲେ । ସେମାନେ ଡାକ ବିଭାଗର ମେରୁଦଣ୍ଡ ହୋଇଥିଲେ ହେଁ ସବୁଠାରୁ ଅବହେଳିତ ଅବସ୍ଥାରେ ଅଛନ୍ତି । ସାମାନ୍ୟ କେଇଟଙ୍କା ଦରମାରେ ବର୍ତ୍ତମାନର ଏକ ନିଅଣ୍ଟିଆ ସମୟରେ ପରିବାର ପ୍ରତିପୋଷଣ ଯେ କେତେ କଷ୍ଟ ସେକଥା ଅବର୍ଣ୍ଣନୀୟ ବୋଲି କହିଥିଲେ । ଗ୍ରାମୀଣ ଡାକ ସେବକଙ୍କ ଅବସର ପରେ ଟଙ୍କାଟିଏ ମଧ୍ୟ ପେନ୍‌ସନ୍ ବ୍ୟବସ୍ଥା ନାହିଁ । ସାରା ଜୀବନ ଯେଉଁ ବିଭାଗ ପାଇଁ କଷ୍ଟ ସ୍ୱୀକାର କରିଛନ୍ତି ଅବସର ପରେ ସେମାନେ ନିକୃଷ୍ଟତମ ବୃତ୍ତି ମଧ୍ୟ ଆଦରି ନେବାର ଦୃଷ୍ଟାନ୍ତ ରହିଛି । ସାରା ବିଶ୍ୱରେ ଏ ପ୍ରକାର ବ୍ୟବସ୍ଥା କେଉଁଠାରେ ମଧ୍ୟ ଦେଖାଯାଇ ନାହିଁ ବୋଲି ମଧ୍ୟ ଶ୍ରୀ ପଣ୍ଡା ପ୍ରକାଶ କରିଥିଲେ । ସରକାର ସହାନୁଭୂତିଶୀଳ ହୋଇ ତୁରନ୍ତ ଏମାନଙ୍କୁ ସରକାରୀ କର୍ମଚାରୀ ଘୋଷଣା କରାଯିବାକୁ ଦାବି କରିଥିଲେ ତଥା ମହଙ୍ଗା ଭତ୍ତା ଓ ବୋନସ୍ ଅବିଳମ୍ବେ ପ୍ରଦାନ କରାଯିବାକୁ ଦାବି ରଖିଲେ । ନିଜର ହକ୍ ହାସଲ ପାଇଁ ସଙ୍ଗବଦ୍ଧ ଭାବେ ସମସ୍ତ କର୍ମଚାରୀ ସଂଗ୍ରାମ କରିବାକୁ ଆହ୍ୱାନ ଦେଇଥିଲେ । କର୍ମଚାରୀଙ୍କ ହକ୍ ଦାବି ପ୍ରତି ସରକାର କାଳକ୍ଷେପଣ ନୀତି ପ୍ରୟୋଗ କଲେ ଆଗାମୀ କାଲି ସଂଗ୍ରାମ ତୀବ୍ରତର ହେବ ବୋଲି ଚେତାବନୀ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପରମାନନ୍ଦ ଦାସ, ଲକ୍ଷ୍ମଣ ମହାପାତ୍ର, ବିଦ୍ୟାଧର ସିଂ, କବିତା ମହାନ୍ତ, ପୁଷ୍ପଲତା ମହାନ୍ତ, ସନାତନ ସାହୁ, ବିଦ୍ୟାଧର ଦେହୁରୀ, ମହେନ୍ଦ୍ର ମହାନ୍ତ, ତ୍ରିନାଥ ରଣା ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ବୋନସ ଦାବି ନେଇ ଠିକା ଶ୍ରମିକମାନେ ବିଚାକୁଣ୍ଡି ଟାଟା ଷ୍ଟିଲ କାର୍ଯ୍ୟାଳୟ ଘେରାଉ



ଯୋଡା,(ପିଏନ)- ବର୍ଦ୍ଧିତ ହାରରେ ବୋନସ ଦାବି କରି ଯୋଡା ଖଣି ମଣ୍ଡଳ ଅନ୍ତର୍ଗତ ଟାଟା ଷ୍ଟିଲ୍ ଫେରୋ ଆଲଏଜ ମାଙ୍ଗାନିଜ ଡିଭିଜନ ପରିଚାଳନାଧିନ ବିଚାକୁଣ୍ଡି ଓ ଖଣ୍ଡବନ୍ଧ ମାଙ୍ଗାନିଜ ଖଣିରେ ଅନୁବନ୍ଧିତ କରୋନେସନ ଇଣ୍ଡିଆ ପ୍ରାଇଭେଟ୍ ଲିଃ (ସିଆଇପିଏଲ) ନାମକ ଜୈନିକ ଖଣି ଠିକା ସଂସ୍ଥାରେ କାମ କରୁଥିବା ଶତାଧିକ ଠିକା ଶ୍ରମିକ ଗତକାଲି ଠାରୁ ବିଚାକୁଣ୍ଡି ମାଙ୍ଗାନିଜ ଖଣିର ଟାଟା ଷ୍ଟିଲ କାର୍ଯ୍ୟଳୟକୁ ଘେରାଉ କରିଥିବାର ଖବର ମିଳିଛି । ଶାନ୍ତି ଶୃଙ୍ଖଳା ନିମନ୍ତେ ଯୋଡା ପୁଲିସ ଘଟଣା ସ୍ଥଳରେ ନିୟୋଜିତ ରହିଥିବାର ସୂଚନାରୁ ପ୍ରକାଶ । ଅନ୍ୟପକ୍ଷେ ସମାନ କାରଣରୁ ସିଆଇପିଏଲ ଅଧିନରେ ଖଣ୍ଡବନ୍ଧ ମାଙ୍ଗାନିଜ ଖଣିରେ କାର୍ଯ୍ୟରତ ଶତାଧିକ ଠିକା ଶ୍ରମିକ ଗତ ୮ ଦିନ ହେଲା କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ଥିବାର ଖବର ମିଳିଛି । ନିୟମ ମୁତାବକ ସିଆଇପିଏଲ ଉଭୟ ଖଣି ନିମନ୍ତେ ୮.୩୩ ଶତକଡା ବୋନସ ଘୋଷଣା ପରେ ଠିକା ଶ୍ରମିକଙ୍କ ପକ୍ଷରୁ ଅଧିକ ବୋନସ ଦାବିରେ ଏଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିବାର ଖବର ମିଳିଛି । ତେବେ ୨୦୧୯ ରେ ବିଚାକୁଣ୍ଡି ଖଣି ଠିକା ଶ୍ରମିକ ୧୨ ଶତକଡାରୁ ଉର୍ଦ୍ଧ୍ୱ ରାଶି ପୂଜା ବୋନସ ଆକାରରେ ପାଇଥିବା ବେଳେ ୨୦୨୦ ଚଳିତ ବର୍ଷ ମହାମାରୀ କରୋନାକୁ ନେଇ ଆର୍ଥିକ ସ୍ଥିତି ଉଜାଡି ଯାଇଥିବା ହେତୁ କମ୍ପାନୀ କ୍ଷତି ସହୁଥିବାରୁ ବନୋସ ହାର ୮.୩୩ ଶତକଡା ଘୋଷଣା କରିଥିଲେ । ଏହାର ବିରୋଧ କରି ଶ୍ରମିକ ମାନେ ଟାଟା ଷ୍ଟିଲ ଅଫିସ ଘେରାଉ କରିବା ପରେ ଉକ୍ତ ଠିକାଦାର ୧୦.୫ ଶତକଡା ବଢାଇଥିଲେ ମଧ୍ୟ ଖଣ୍ଡବନ୍ଧ ଖଣି ଠିକା ଶ୍ରମିକ ୧୫ ଶତକଡା ପୂଜା ବୋନସ ପାଇଁ ଜିଦର ଅଟଳ ରହିଥିଲେ । ଏଠାରେ ଉଲ୍ଲେଖ ଯୋଗ୍ୟ, ୨୦୧୮ ଅଗଷ୍ଟ ମାସରୁ ସିଆଇପିଏଲ ସଂସ୍ଥା ସମ୍ପୃକ୍ତ ଖଣି ଦ୍ୱୟରେ ମାଙ୍ଗାନିଜ ଖନନ, ଉତ୍ତୋଳନ, ପରିବହନ ଓ ପ୍ରକ୍ରିୟାକରଣ ନିମନ୍ତେ ନିୟୋଜିତ ହୋଇ ସେପ୍ଟେମ୍ବର ମାସରୁ କାର୍ଯ୍ୟ ଆରମ୍ଭ କରିଥିଲେ । ଅପରପକ୍ଷେ ପ୍ରନ୍ସିପାଲ ଏମ୍ପ୍ଲୟର ଟାଟା ଫେରୋ ଆଲଏଜ ମାଙ୍ଗାନିଜ ଡିଭିଜନ ସହ ଚୁକ୍ତିନାମା ମୁତାବକ ଓ ନିୟମ ଅନୁଯାୟୀ ବିଗତ ଆର୍ଥିକ ବର୍ଷର ସେପ୍ଟେମ୍ବର ରୁ ମାର୍ଚ୍ଚ ସାତ ମାସ ନିମନ୍ତେ ୧୦.୫ ଶତକଡା ବୋନସ ଧାର୍ଯ୍ୟ ଘଟଣାକୁ ନ୍ୟାଯ୍ୟ ବୋଲି କହିବା ସହ କମ୍ପାନୀର ଅନ୍ୟ ଭେଣ୍ଡର ସମୂହ ସମାନ ବୋନସ ବ୍ୟବସ୍ଥା କାର୍ଯ୍ୟକାରୀ କରିଥିବାର ସିଆଇପିଏଲ ପକ୍ଷରୁ ଏହାର ମହାପ୍ରବନ୍ଧକ ଅନୁଭବ ଦତ୍ତ ନିଜ ଜିଦରେ ଅଟଳ ଥିବାର ଖବର ମିଳିଛି । ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ସମ୍ପୃକ୍ତ ଖଣି ଠିକା ସଂସ୍ଥା ଓ ଠିକା ଶ୍ରମିକଙ୍କ ମଧ୍ୟରେ କୌଣସି ପ୍ରକାର ସହମତି ପ୍ରକାଶ ପାଇନଥିବାରୁ ଘଟଣା ସ୍ଥଳରେ ଚପା ଉତ୍ତେଜନା ଲାଗି ରହିଥିବା ସହ ଦାବି ପୂରଣ ନ ହେଲେ ଗତକାଲି ଠାରୁ ଖଡବନ୍ଧ ଖଣିକୁ ଶ୍ରମିକମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ଚେତାବୀ ଦେଇଥିବା ଖବର ମିଳିଛି ।

# ମହିଳାଙ୍କୁ ହତ୍ୟା ଘଟଣାରେ ପୋଲିସର ଉଦାସୀନତା ବିରୋଧରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

## କ୍ରାଇମବ୍ରଂଚ ତଦନ୍ତ ଦାବି କଲା ପରିବାର




କେନ୍ଦ୍ରାପଡା, (ପିଏନ)-ଅଧିକ ଯୌତୁକ ଦାବିକରି ମହିଳାଙ୍କୁ ନିର୍ଯ୍ୟାତନା ଦେଇ ହତ୍ୟା କରିଥିବା ଘଟଣାରେ ପୋଲିସର ଉଦାସୀନତା ପ୍ରତିବାଦରେ ଗୁରୁବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି ମୃତ ମହିଳାଙ୍କ ପରିବାର ଲୋକେ । ଅଭିଯୋଗ ଅନୁଯାଇ ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଜରିଆବାଡ ଗ୍ରାମର ବୁଲାକର ମଳିକଙ୍କ ପୁଅ ନାରାୟଣ ମଳିକ ସଦର ଥାନାରେ ଅଭିଯୋଗ କରିଛନ୍ତି ଯେ ତାଙ୍କ ଭଉଣୀ ସସ୍ମିତା ମଳିକ ଗତ ୧୪ବର୍ଷ ତଳେ ସଦର ଥାନା ଅନ୍ତର୍ଗତ ଗରାପୁର ଗ୍ରାମର ବାଇଧର ମଳିକଙ୍କୁ ବିବାହ କରିଥିଲେ । ବିବାହର କିଛିଦିନ ପରେ ଉଭୟ ସସ୍ମିତା ଓ ବାଇଧରଙ୍କ ମଧ୍ୟରେ ପାଟିଗୋଳ ଆରମ୍ଭ ହୋଇଥିଲା । କାରଣ ବାଇଧର ଅନ୍ୟଏକ ଝିଅକୁ ଭଲପାଉଥିଲା । ଏହି ପାଟିଗୋଳ ହେବା ପରେ ତାଙ୍କ ଭଉଣୀ ବାପଘରକୁ ଚାଲିଯାଏ । ଶାଶୁଘର ଲୋକେ କିଛିଦିନ ପରେ ଯାଇ ସସ୍ମିତାକୁ ବୁଝାଶୁଝା କରି ନେଇଆସିଥାନ୍ତି । ଏଭଳି ବାରମ୍ବାର ହୋଇଥାଏ । ତାଙ୍କ ଭଉଣୀର ଶାଶୁ ଭାରତୀ ମଳିକ,ଦିଅର ଧକି,ଯାଆ ପୁଷ୍ପା,ମାମୁଁ ଆଦିକନ୍ଦ ପ୍ରମୁଖ ମିଶି ତାଙ୍କ ଭଉଣୀ ସସ୍ମିତାକୁ ଅଧିକ ଯୌତୁକ ଦାବୀକରି ସସ୍ମିତାକୁ ମାନସୀକ,ଶାରୀରିକ ନିର୍ଯ୍ୟାତନା ଦେଇଥିବା ସମ୍ପର୍କରେ ତାଙ୍କ ଭଉଣୀ ପୂର୍ବରୁ ଜଣାଇଛି ବୋଲି ସେ ଅଭିଯୋଗ କରିଛନ୍ତି । ଶେଷରେ ତାଙ୍କ ଭଉଣୀକୁ ସମସ୍ତେ ମିଶି ମାରିଦେଇଥିବା ମଧ୍ୟ ସେ ସଦର ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭିତ୍ତିକରି ସଦର ଥାନା ପୋଲିସ ୨୩୭/୨୦୨୦ରେ ଆଇପିସିର ଧାରା ୪୯୮(କ),୩୦୨,୩୪ଦଫାରେ ଏବଂ ଯୌତୁକ ନିରୋଧ ଆଇନ ୪ ଅନୁଯାଇ ଏକ ମାମଲା ରୁଜୁକରିଛନ୍ତି । ସଦର ଥାନା ପୋଲିସ ମୃତକର ସ୍ୱାମୀ ବାଇଧର ମଳିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ ମଧ୍ୟ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ ନକରିବା ଏବଂ ବିବାହ ସମୟରେ ଝିଅ ସସ୍ମିତାକୁ ଦିଆଯାଇଥିବା ସମସ୍ତ ଜିନିଷ ନଫେରାଇବା ଘଟଣା ଏବଂ ହତ୍ୟାକୁ ଆତ୍ମହତ୍ୟାର ରୂପ ଦେବାକୁ ପୋଲିସ ଉଦ୍ୟମ କରୁଥିବା ଘଟଣା ପୋଲିସର ନୀରପେକ୍ଷତା ଉପରେ ସନ୍ଦେହ ପ୍ରକାଶ କରି ପରିବାର ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି । ଏଥିସହିତ ଏହି ହତ୍ୟା ଘଟଣାର କ୍ରାଇମବ୍ରଂଚ ତଦନ୍ତ କରାଯିବାକୁ ପରିବାର ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଦାବିପତ୍ର ପରିବାର ପକ୍ଷରୁ ନାରାୟଣ ମଳିକ, ଶୁକାନ୍ତି ମଳିକ, ବିନିତା ମଳିକ, ସୁଷମା ମଳିକ, ରଚନା ମଳିକ ପ୍ରମୁଖ ଦେଇଛନ୍ତି ।

# ନବରାତ୍ରିର ଦ୍ୱିତୀୟ ଦିବସରେ ମା ଦୁର୍ଗାଙ୍କ ବ୍ରହ୍ମଚାରିଣୀ ବେଶ

ପୁରୀ, ୨୭ ସେପ୍ଟେମ୍ବର (ହି.ସ.)- ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ଶକ୍ତିପୀଠ ମାନଙ୍କରେ ସମ୍ପ୍ରତି ନବରାତ୍ର ପୂଜା ଚାଲିଛି । ନବରାତ୍ରିର ଆଜି ଦ୍ୱିତୀୟ ଦିବସରେ ମା ବ୍ରହ୍ମଚାରିଣୀଙ୍କୁ ଆରାଧନା କରାଯାଏ । ମଙ୍ଗଳ ଗ୍ରହ ମା ବ୍ରହ୍ମଚାରିଣୀଙ୍କ ନିୟନ୍ତ୍ରଣାଧିନ ବୋଲି ବିଶ୍ୱାସ ରହିଛି । ମା ନଗ୍ନ ପାଦରେ ବିଚରଣ କରୁଥିବା ରୂପରେ ପୂଜା ପାଆନ୍ତି । ଦେବୀ ଦ୍ୱିଭୁଜା, ଦେବୀଙ୍କ ଦକ୍ଷିଣ ହସ୍ତରେ ଜପମାଳା ଓ ବାମ ହସ୍ତରେ କମଣ୍ଡଳୁ ଶୋଭାପାଏ । ମହାଦେବଙ୍କୁ ପତି ରୂପରେ ପାଇବା ପାଇଁ ଦେବୀ ପାର୍ବତୀ କଠିନ ତପସ୍ୟା କରିଥିଲେ । ତାଙ୍କର ସେହି ରୂପକୁ ହିଁ ବ୍ରହ୍ମଚାରିଣୀ ଭାବେ ବିବେଚନା କରାଯାଏ । ପୁରାଣମାନଙ୍କରେ ବର୍ଣ୍ଣିତ ରହିଛି ଯେ, ଦେବୀ ପାର୍ବତୀ ୧୦୦୦ ବର୍ଷ କେବଳ ଫଳ, ପୁଷ୍ପ ଆହାର କରି ସାଧନା କରିଥିଲେ । ଆଉ କେତେକ ପୁରାଣ ଅନୁସାରେ, ଦେବୀ ପାର୍ବତୀ ୩୦୦୦ ବର୍ଷ କେବଳ ବିଲ୍ୱପତ୍ର ଗ୍ରହଣ କରି ତପସ୍ୟା କରିଥିଲେ ଏବଂ ପରେ ତାହା ମଧ୍ୟ ତ୍ୟାଗ କରିଦେବାରୁ ତାଙ୍କୁ ଅପର୍ଣ୍ଣା ବୋଲି କୁହାଗଲା । ମା ବ୍ରହ୍ମଚାରିଣୀ ଜ୍ଞାନ ଓ ବୁଦ୍ଧିର ଭଣ୍ଡାର, ଭକ୍ତକୁ ସୁଖ, ଶାନ୍ତି, ଯଶ, କୀର୍ତ୍ତି ପ୍ରଦାନ କରନ୍ତି ଏବଂ ମୋକ୍ଷର ମାର୍ଗ ପ୍ରଶସ୍ତ କରନ୍ତି ।

# ପ୍ରଧାନଶିକ୍ଷକଙ୍କୁ ଦାଦାବଟି ମାଗି ୱେବ ସାମ୍ବାଦିକ ଗିରଫ, ୪ ଫେରାର୍

ଗଞ୍ଜାମ,(ପି.ଏନ): ପ୍ରଧାନଶିକ୍ଷକଙ୍କୁ ଦାଦାବଟି ମାଗି ଏକ ୱେବ ମିଡ଼ିଆର ସାମ୍ବାଦିକ ଗିରଫ ହୋଇଛନ୍ତି । ଏଭଳି ଏକ ଘଟଣା ଘଟିଯାଇଛି ଗଞ୍ଜାମ ଜିଲ୍ଲା ଗାଙ୍ଗପୁର ଥାନା ଅନ୍ତର୍ଗତ ଲଣ୍ଡାଜୁଆଳି ଗ୍ରାମରେ । ଲଣ୍ଡାଜୁଆଳି ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁମନ ବାଡ଼ତ୍ୟାଙ୍କୁ ଧମକ ଚମକ ଦେଇ ୧୮ ହଜାର ୫୦୦ ଟଙ୍କା ଦାଦାବଟି ନେଇଥିବା ଅଭିଯୋଗରେ ପୋଲିସ ଅଭିଯୁକ୍ତ ସାମ୍ବାଦିକ କ୍ଷୀରୋଦ ଚନ୍ଦ୍ର ବେହେରାଙ୍କୁ ଗିରଫ କରିଛି । ଏ ସଂକ୍ରାନ୍ତରେ ଗାଙ୍ଗପୁର ଥାନାରେ କେସ୍ ନଂ ୪୨୦ /ଆଇପିସି ୪୧୯/୪୨୦/୧୮୫/୫୫୧/୩୮୭/୫୦୬/୩୪ ଦଫାରେ ଏକ ଠକେଇ ମାମଲା ରୁଜୁ ହେବା ସହ ଅଭିଯୁକ୍ତ କ୍ଷୀରୋଦକୁ ଆଜି କୋର୍ଟଚାଲାଣ କରାଯାଇଛି । ଘଟଣାରେ ଜଡ଼ିତ ଅନ୍ୟ ୪ ଜଣ ୱେବ ସାମ୍ବାଦିକ ରତ୍ନାକର ଶିଅ, ପ୍ରଶାନ୍ତ ମୁନି, ବାଲ୍ମିକୀ ବିଶୋଇ, ପୀତବାସ ଦାଶଙ୍କ ନାମ ମଧ୍ୟ ଏତଲାରେ ଉଲ୍ଲେଖ ରହିଛି । ତେବେ ସେମାନେ ଫେରାର୍ ଅଛନ୍ତି । ଖୁବ ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ଶୁଭେନ୍ଦୁ ସାହୁ ସୂଚନା ଦେଇଛନ୍ତି ।

# ମାଟି ଏବଂ ପଲିଥିନ୍ ଘରେ ବିତୁଛି ଜୀବନ

ଘଟଗାଁ(ପିଏନ)-ଉଭୟ କେନ୍ଦ୍ର ଏବଂ ରାଜ୍ୟ ପ୍ରତ୍ୟେକ ଦିନ ଅନେକ ଗରିବ ବାସହରା ହିତାଧିକାରୀଙ୍କୁ ରାଜ୍ୟ ସରକାରଙ୍କ ବିଜୁ ପକ୍କା ଘର କିମ୍ବା କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଭୁକ୍ତ କରାଇ ଘର ଯୋଗାଉଥିବା ଦେଖିବାକୁ ମିଳୁଥିବା ବେଳେ ଅନେକ ଲୋକ ଆଜିବି ଝାଟି ମାଟି ଏବଂ ପାଲ ପଲିଥିନ୍ ଘରେ ଜୀବନ ବିତାଉଥିବା ଦେଖିବାକୁ ମିଳୁଛି । ଏଭଳି ଏକ ଅବିକଳ ଚିତ୍ର ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସୁନାରୀପଶୀ ଗାଁରେ । ଗାଁର ଚରଣ ମୁଣ୍ଡା ଆଜକୁ ତିନି ବର୍ଷ ହେବ ଏକ ଝାଟି, ପିଲିଥିନ୍‌କୁ ଘରର କାନ୍ଥ କରି ରହୁଥିବା ଦେଖିବାକୁ ମିଳୁଛି । ଚରଣ ଦିନ ମଜୁରୀଆ ହୋଇଥିବାରୁ ଘର ଖଣ୍ଡିଏ ବନାଇବାକୁ ସକ୍ଷମ ନାହିଁ ତାର । କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସୁନାରିପଶୀ ଗାଁର ରାଜାବନ୍ଧ ସାହିର ଚରଣ ମୁଣ୍ଡା । ବୟସ ପାଖାପାଖି ୪୦ ହେବ । ପରିବାରରେ ସ୍ତ୍ରୀ ସହିତ ତିନୋଟି ପୁଅ । ଚରଣ ଜଣେ ଦିନ ମଜୁରୀଆ ଖଟିଖିଆ ଲୋକ । ପ୍ରତ୍ୟେକ ଦିନ ଯାହା ମୁଲମଜୁରି କରି ଆଣିଥାଏ, ସେସବୁ ପରିବାରର ଖାଇବାକୁ ମଧ୍ୟ ଅଂଟେନାହିଁ । ପୂର୍ବରୁ ସେ ବରାହଟିପୁରା ଗାଁରେ ରହୁଥିଲେ, ବାପା ଚାଲି ଗଲା ପରେ ବାସ ହରା ହୋଇ ଆଜକୁ ତିନି ବର୍ଷ ହେବ ସୁନାରିପଶି ଗାଁର ରଜାବନ୍ଧ ସାହିରେ ରହୁଛନ୍ତି । ଚରଣ ସ୍ତ୍ରୀ ସହିତ ତିନି ପୁଅଙ୍କୁ ନେଇ ନାହିଁ ନଥିବା ଅଭାବ ଅନଟନରେ ଜୀବନ ବିତାଉଛନ୍ତି । ଠିକ୍‌ସେ ନିଜ ପରିବାରର ଗୁଜରାଣ ମେଂଟାଇପାରୁ ନଥିବା ଚରଣ ଘର ଖଣ୍ଡିଏ ବନାଇବା ପାଇଁ ତା ପାଖରେ ସମ୍ବଳ ନାହିଁ । ଯାହାଫଳରେ ଆଜକୁ ତିନି ବର୍ଷରୁ ଉର୍ଦ୍ଧ୍ୱ ହେବ ଝାଟି, ପଲିଥିନକୁ କାନ୍ଥ କରି ଗୋଟିଏ ଝାଟି ଘରେ ରହୁଛନ୍ତି । ଘର ଖଣ୍ଡିଏ ପାଇଁ ବାରମ୍ବାର ବ୍ଲକ୍ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାଙ୍କ ପାଇଁ ସରକାଙ୍ଗ ପ୍ରଧାନ ମନ୍ତ୍ରୀ ଏବଂ ବିଜୁ ବିଜୁ ପକ୍କା ଘର ଯୋଜନା ସାତସପନ । ତେବେ ବାସ ହରା ଲୋକମାନଙ୍କ ପାଇଁ ସରକାର ମାଳ ମାଳ ଯୋଜନା କରୁଥିଲେ ମଧ୍ୟ ଆଜିବି ଅନେକ ଲୋକ ଏଭଳି ଅବସ୍ଥାରେ ଝାଟି, ପଲିଥିନ୍‌କୁ କାନ୍ଥ କରି ରହୁଛନ୍ତି । ଚରଣ ମଧ୍ୟ ଆଜକୁ ତିନି ବର୍ଷ ହେବ ଏହି ଝାଟିମାଟିରେ ତିଆରି କାନ୍ଥ ପାଂଚ ଜଣ ପରିବାରକୁ ନେଇ ଏଭଳି ଦୁର୍ଦ୍ଦିନରେ ରହୁଛି । ତେବେ ଆମ ପ୍ରତିନିଧି ଚରଣଙ୍କ କରୁଣ କାହାଣୀ ଘଟଗାଁ ବିଡିଓଙ୍କ ପାଖରେ ଅବଗତ କରାଇବାରୁ ସେ ଖୁବଶିଘ୍ର ସରକାରଙ୍କ ଆବାସ କିମ୍ବା ପକ୍କା ଘର ଯୋଜନାରେ ଅନ୍ତର୍ଭୁକ୍ତ କରାଇ ଘର ଖଣ୍ଡିଏ ଦେବାର ବ୍ୟବସ୍ଥା କରିବେ ବୋଲି ପ୍ରତିସୃତି ଦେଇଛନ୍ତିମ ।


MAHARISHI PUBLIC SCHOOL



2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada





Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ଡିଏଭି କଳିଙ୍ଗନଗରରେ କୁନି କୁନି ପିଲାମାନଙ୍କ ବାର୍ଷିକ ପ୍ରକଳ୍ପ 'ଇକୋ ଏମ୍ପାୟର' ପ୍ରଦର୍ଶିତ



ଭୁବନେଶ୍ୱର ,(ପି.ଏନ): ଶିଶୁମାନଙ୍କ ଲୁକ୍କାୟିତ ପ୍ରତିଭାର ପରିସ୍ଫୁଟନ ନିମନ୍ତେ ଡିଏଭି କଳିଙ୍ଗନଗରରେ ଏଲ.କେ.ଜି ଠାରୁ ଦ୍ୱିତୀୟ ଶ୍ରେଣୀ ପର୍ଯ୍ୟନ୍ତ କୁନିକୁନି ପିଲାମାନଙ୍କ ଦ୍ୱାରା ବାର୍ଷିକ ପ୍ରକଳ୍ପ 'ଇକୋ ଏମ୍ପାୟର' ପ୍ରଦର୍ଶିତ ହୋଇଯାଇଛି । ବିଦ୍ୟାଳୟର ଚେୟାରମ୍ୟାନ ମଦନ ମୋହନ ପଣ୍ଡା ଆନୁଷ୍ଠାନିକ ଭାବେ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ୧୯୮ ଜଣ ପିଲାଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ୬୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପକୁ ପ୍ରଦର୍ଶନ କରି ଆନନ୍ଦିତ ହେବା ସହିତ ପିଲାମାନଙ୍କୁ ଉତ୍ସାହିତ କରିଥିଲେ ।ପ୍ରାଥମିକ ସ୍ତରରୁ ପିଲାମାନଙ୍କର ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରିବା ଲକ୍ଷ୍ୟରେ ସର୍ବଦା ଚେଷ୍ଟିତ ବିଦ୍ୟାଳୟର ଅଧ୍ୟକ୍ଷ ବିପିନ କୁମାର ସାହୁଙ୍କ ନିର୍ଦ୍ଦେଶରେ ଆୟୋଜିତ ଏହି ପ୍ରକଳ୍ପ ପ୍ରଦର୍ଶନୀକୁ ଅଭିଭାବକମାନେ ବିପୁଳ ସଂଖ୍ୟାରେ ପରିଦର୍ଶନ କରିବା ସହ କୁନିକଳିକା ମାନଙ୍କପ୍ରଚେଷ୍ଟାକୁ ଭୂରିଭୂରି ପ୍ରଶଂସା କରିଥିଲେ ।ପ୍ରକାଶଥାଉକି ଶିକ୍ଷାବର୍ଷର ବିଭିନ୍ନ ସମୟରେ ବିଭିନ୍ନ ଶ୍ରେଣୀର ଛାତ୍ରଛାତ୍ରୀ ମାନଙ୍କୁ ନେଇ ସମୟ ଉପଯୋଗୀ ପ୍ରକଳ୍ପ ପ୍ରଦର୍ଶନ କରାଯାଇ ପିଲାମାନଙ୍କୁ ସୃଜନାତ୍ମକ ଗଠନରେ ସହଯୋଗ କରାଯାଇଥାଏ । ପରିବେଶ ସଚେତନତାର ଗୁରୁତ୍ୱକୁ ଉପଲବ୍ଧି କରି ବରିଷ୍ଠ ପର୍ଯ୍ୟବେକ୍ଷିକା ଦୀପାଳୀ ସାହୁଙ୍କପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ ଆୟୋଜିତ ଏହି ପ୍ରକଳ୍ପ ପ୍ରଦର୍ଶନୀକୋମଳମତି ଶିଶୁମାନଙ୍କୁ ପ୍ରେରଣା ପ୍ରଦାନ କରିଥିଲା । ବିଦ୍ୟାଳୟର ଏହି କାର୍ଯ୍ୟକ୍ରମକୁ ଅଭିଭାବକ ମହଲରେ ପ୍ରଂଶସା କରାଯାଇଛି ।

# ଶିକ୍ଷଣ ପରିପୂରଣ କାର୍ଯ୍ୟକ୍ରମରେ ପ୍ରଶିକ୍ଷଣ ନେଲେ ଶିକ୍ଷକ



କୋଣାର୍କ,(ପି.ଏନ): କୋଭିଡ ସମୟରେ ଦୀର୍ଘ ଦୁଇବର୍ଷ ଧରି ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଯାଇ ପାରିନଥିଲେ । ଶ୍ରେଣୀ ଶିକ୍ଷାଦାନ ଅଭାବରୁ ପିଲାମାନଙ୍କର ଶିକ୍ଷଣ ସ୍ତର ପ୍ରଭାବିତ ହୋଇଛି । ଶିକ୍ଷଣ ସ୍ତରରେ ରହିଥିବା ପାର୍ଥକ୍ୟକୁ ଦୂର କରିବା ପାଇଁ ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ପକ୍ଷରୁ ଶିକ୍ଷଣ ପରିପୂରଣ କାର୍ଯ୍ୟକ୍ରମ(ଏଲ୍ଆରପି) ହାତକୁ ନିଆଯାଇଛି । ଏହି କାର୍ଯ୍ୟକ୍ରମ ଦଶହରା ଛୁଟିପରେ ଆସନ୍ତା ଅକ୍ଟୋବର ୧୦ତାରିଖରୁ ଆରମ୍ଭ ହୋଇ ୫୦ଟି କାର୍ଯ୍ୟଦିବସ ସମାପ୍ତ ହେବା ପର୍ଯ୍ୟନ୍ତ ଚାଲିବ । ଏଥିରେ ୩ୟ ଶ୍ରେଣୀଠାରୁ ୯ମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କୁ ସାମିଲ କରାଯାଇଛି । ଏହି ସ୍ୱତନ୍ତ୍ର ଶିକ୍ଷଣ ପରିପୂରଣ ଯୋଜନାରେ ମାତୃଭାଷା, ଗଣିତ, ଇଂରାଜୀ, ପରିବେଶ ବିଜ୍ଞାନ ଓ ବିଜ୍ଞାନ ବିଷୟକୁ ଆଧାର କରି ପିଲାମାନଙ୍କ ନିମନ୍ତେ ଅଭ୍ୟାସ ପୁସ୍ତିକା ଓ ଶିକ୍ଷକମାନଙ୍କ ନିମନ୍ତେ ଶିକ୍ଷକ ସହାୟକ ପୁସ୍ତିକା ପ୍ରସ୍ତୁତ କରାଯାଇଛି । ଏହି ଶିକ୍ଷଣ ପୁସ୍ତିକାଗୁଡ଼ିକୁ ଖୁବଶିଘ୍ର ବିଦ୍ୟାଳୟକୁ ଯୋଗାଇ ଦିଆଯିବ ବୋଲି ଗୋପ ବ୍ଲକ୍ ଶିକ୍ଷାଧିକାରୀ ସୁଶିଲ କୁମାର ବ୍ରହ୍ମା ପ୍ରକାଶ କରିଛନ୍ତି । ଏଥିପାଇଁ ଗୋପ ବ୍ଲକର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ବୁଧବାରଠାରୁ ଦୁଇଦିନିଆଁ ପ୍ରଶିକ୍ଷଣ ପ୍ରଦାନ କାର୍ଯ୍ୟକ୍ରମ ଆରମ୍ଭ ରହିଛି । ଗୋପ ବ୍ଲକର କୋଣାର୍କ ହାଇସ୍କୁଲ, ନିଗମାନନ୍ଦ ହାଇସ୍କୁଲ, ନୟାହାଟ ହାଇସ୍କୁଲ, ନାଗପୁର ନୋଡାଲ ହାଇସ୍କୁଲ ଓ ହରିଶ୍ଚନ୍ଦ୍ର ମେମୋରିଆଲ ନୋଡାଲ ହାଇସ୍କୁଲଠାରେ ୫ଟି କେନ୍ଦ୍ରରେ ୮୭୯ଜଣ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ । ଏଥିରେ ୫୪୮ଜଣ ପ୍ରାଥମିକ ଓ ୩୩୧ଜଣ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକଶିକ୍ଷୟିତ୍ରୀ ଅନ୍ତର୍ଭୁକ୍ତ । ଏହି ସ୍ୱତନ୍ତ୍ର ଶିକ୍ଷଣ କାର୍ଯ୍ୟକ୍ରମର ୫୦ଦିନ ସମୟସୀମା ମଧ୍ୟରେ ୨୫ଦିନ ଅନ୍ତରରେ ଦୁଇଟି ଶୈକ୍ଷିକ ଆକଳନ(ପରୀକ୍ଷା) କରାଯିବ । ତୃତୀୟରୁ ପ□ମ ଶ୍ରେଣୀ ନିମନ୍ତେ ୨୫ନମ୍ବର ଓ ଷଷ୍ଠରୁ ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ନିମନ୍ତେ ବିଭିନ୍ନ ବିଷୟରେ ୫୦ନମ୍ବରର ପ୍ରଶ୍ନପତ୍ରକୁ ନେଇ ଶୈକ୍ଷିକ ସଫଳତାର ଆକଳନ କରାଯିବ । ଏହି କାର୍ଯ୍ୟକ୍ରମରେ ପ୍ରତ୍ୟହ ଦୁଇଟି ଲେଖାଏଁ ସପ୍ତାହକୁ ୧୨ଟି କାଳାଂଶ ପିଲାମାନଙ୍କୁ ଶିକ୍ଷଣ ପୁସ୍ତିକାର ଅଭ୍ୟାସ ନିମନ୍ତେ ବିନିଯୋଗ କରାଯିବାର ବ୍ୟବସ୍ଥା ହୋଇଛି । ଓଡିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା)ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓଡିଶା ନଲେଜ୍ କର୍ପୋରେସନ ଲିମିଟେଡ(ଓକେସିଏଲ୍) ପକ୍ଷରୁ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । ବୁଧବାର କୋଣାର୍କ ହାଇସ୍କୁଲଠାରେ ଆୟୋଜିତ ଏଲଆରପି ପ୍ରଶିକ୍ଷଣ କେନ୍ଦ୍ରରେ ଓକେସିଏଲର ସାଧନକର୍ମୀ ଗୁରୁପ୍ରସାଦ ସ୍ୱାଇଁ, ରତ୍ନପର୍ଣ୍ଣା ପ୍ରଧାନ, ଅନିଲ କୁମାର ନାୟକ ଓ ସୁଶାନ୍ତ କୁମାର ମୁଦୁଲି ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି ।

## ନିଶାମୁକ୍ତ ଭାରତ ଅଭିଯାନ ଉପଲକ୍ଷେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା

ମାଲକାନଗିରି, (ପି.ଏନ): ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରାଳୟ ଏବଂ ଜିଲ୍ଲା ପ୍ରଶାସନ, ମାଲକାନଗିରିଙ୍କ ମିଳିତ ସହଯୋଗରେ ନିଶାମୁକ୍ତ ଭାରତ ଅଭିଯାନ ପ୍ରସଙ୍ଗ ଆଧାରିତ ଜିଲ୍ଲା ସ୍ତରୀୟ ପ୍ରବନ୍ଧ, ତର୍କ ଓ ଚିତ୍ରାଙ୍କନ ପ୍ରତିଯୋଗିତା ମାଲକାନଗିରି ମହାବିଦ୍ୟାଳୟ ଠାରେ ଆଜି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟରୁ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ନେଇ ଅନୁଷ୍ଠିତ ପ୍ରତିଯୋଗିତାର ମୂଲ୍ୟାୟନ ସ୍ୱତନ୍ତ୍ର ବିଚାରକ ମଣ୍ଡଳୀଙ୍କ ଦ୍ୱାରା କରାଯାଇ କୃତୀ ପ୍ରତିଯୋଗୀ ମାନଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା ।ଉକ୍ତ ପୁରସ୍କାର ବିତରଣ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀ ମାନଙ୍କୁ ନିଜର ବକ୍ତବ୍ୟ ମାଧ୍ୟମରେ ଉତ୍ସାହିତ କରି ମାନପତ୍ର ସହ ପୁରସ୍କାର ବିତରଣ କରିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମରଞ୍ଜନ ଦାସ, ନେହେରୁ ଯୁବକେନ୍ଦ୍ର, ମାଲକାନଗିରିର ସଂଯୋଜକ ହରିଶ ରୂପାଲ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମହାବିଦ୍ୟାଳୟର ଜିଲ୍ଲା ଯୁବ ରେଡ଼କ୍ରସର ଆବାହକ ତଥା ସମ୍ପାଦକ ବାଣିଜ୍ୟ ବିଭାଗର ମୁଖ୍ୟ ଅଧ୍ୟାପକ ଡ଼ଃ. ରଞ୍ଜନ କୁମାର ସ୍ୱାଇଁ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ । ମହାବିଦ୍ୟାଳୟର ଅଧ୍ୟାପିକା ନମିତା ଦଣ୍ଡସେନା, ଅଧ୍ୟାପକ ଗୋକୁଳାନନ୍ଦ ପାତ୍ର, ଜୀମୁତ ନାୟକ, ପ୍ରମିୟ କୁମାର ମହାନ୍ତି, ତପନ କୁମାର ବେହେରା, ଗୌତମ ନାୟକ, ଜବାହର ନବୋଦୟ ବିଦ୍ୟାଳୟର କଳା ଶିକ୍ଷୟତ୍ରୀ ପିଙ୍କି ପଣ୍ଡା, ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ରବିନ୍ଦ୍ର କୁମାର ମହାରଣା ପ୍ରମୁଖ ଯୋଗଦେଇ ପ୍ରତିଯୋଗୀତା ଗୁଡିକୁ ସୁଚାରୁରୂପେ ସମ୍ପର୍ଣ୍ଣ କରିଥିଲେ ।

## ସର୍ବୋଚ୍ଚ କିଲିମାନଜରୋ ପର୍ବତ ଆରୋହଣ କରି ଦେଶ ପାଇଁ ଗୌରବ ଆଣିଲେ ପାରାଦୀପ ଯୁବକ ରବି କୁମାର

ପାରାଦୀପ,(ପି.ଏନ): ପାରାଦୀପର ଯୁବକ ରବି କୁମାର (୩୧) ଆଫ୍ରିକାର ସର୍ବୋଚ୍ଚ ତଥା ବିଶ୍ୱର ସର୍ବବୃହତ ଆଗ୍ନେୟଗିରି କିଲିମାନଜରୋ ପର୍ବତ ସଫଳତାର ସହ ଆରୋହଣ କରି ଦେଶ ପାଇଁ ଗୌରବ ଆଣି ଦେଇଛନ୍ତି। ଗତ ସେପ୍ଟେମ୍ବର ମାସ ୧୧ତାରିଖରେ ରବି କୁମାର ଏହି ପର୍ବତାରୋହଣ ଅଭିଯାନ ଆରମ୍ଭ କରି ୫୮୯୫ ମିଟର ଉଚ୍ଚ ପାହାଡ ଚଢି ୪ ଦିନ ମଧ୍ୟରେ ଏହି ଦୀର୍ଘ ପର୍ବତ ଶିଖରରେ ପହଁଚି ସେଠାରେ ଭାରତର ତ୍ରୀରଙ୍ଗା ଜାତୀୟ ପତାକା ଉଡାଇଥିଲେ । ଏହି ସଫଳତାକୁ ରବି କୁମାର ସମସ୍ତ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗିକୃତ କରିଛନ୍ତି । ସୂଚନାଥାଉକି, ରବି କୁମାର ପାରାଦୀପର ବେଥାନୀ କନଭେଂଟ ସ୍କୁଲର ଜଣେ ଛାତ୍ର ଥିଲେ । ତାଙ୍କ ପିତା କୁଲଦୀପ ପ୍ରସାଦ ଗୁପ୍ତା ପାରାଦୀପର ଇଫକୋ ସାର କାରଖାନାରେ ଏବେ କାର୍ଯ୍ୟରତ ଏବଂ ମାଆ ସୀମା ଗୁପ୍ତା ଜଣେ ଗୃହିଣୀ । ତେବେ ତାଙ୍କର ସମସ୍ତ ସଫଳତା ପାଇଁ ପିତାମାତାଙ୍କ ଆଶ୍ରିବାଦ ଓ ପ୍ରେରଣା ରହିଥିବା ରବି କୁମାର କହିଛନ୍ତି । ଏହି ଖବର ପ୍ରସାରିତ ହେଲା ପରେ ପାରାଦୀପରେ ଖୁସିର ଲହର ଖେଳି ଯାଇଛି ।

# ପାରାଦୀପ ବନ୍ଦର ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ



ପାରାଦୀପ,(ପି.ଏନ): ରକ୍ତଦାନ ଅମୃତ ମହୋତ୍ସବ ପରିପ୍ରେକ୍ଷୀରେ ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ବନ୍ଦର ଚିକିତ୍ସାଳୟ ପରିସରରେ ବୁଧବାର ଦିନ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ପାରାଦୀପର ବୃଷବ ଫାଉଣ୍ଡେସନ୍ ସହଯୋଗ ଓ କଟକ ବ୍ଲଡ ବ୍ୟାଙ୍କ, ରେଡକ୍ରସ ସୋସାଇଟି ସହାୟତାରେ ଆୟୋଜିତ ଏହି ଶିବିରକୁ ପାରାଦୀପ ବନ୍ଦର ଉପାଧ୍ୟକ୍ଷ ଏ.କେ.ବୋଷ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ଲେଡିଜ କ୍ଲବର ଉପସଭାନେତ୍ରୀ ଶୁଚିସ୍ମିତା ବୋଷ, ବନ୍ଦର ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରହଲ୍ଲାଦ ଚନ୍ଦ୍ର ପଣ୍ଡା, ଫାଉଣ୍ଡେସନ୍‌ର ସଭାପତି ଇଂ. ଗଙ୍ଗାଧର ସେଠୀ, ସାଧାରଣ ସମ୍ପାଦକ ପ୍ରଶାନ୍ତ ମହାରଣା, ବନ୍ଦରର ବରିଷ୍ଠ ଅଧିକାରୀ ଓ ବୃଷବ ଫାଉଣ୍ଡେସନ୍‌ର ବହୁ ସଦସ୍ୟ ଉପସ୍ଥିତ ଥିଲେ । ମୁଖ୍ୟ ଚିକିତ୍ସାଧିକାରୀ ଡା. ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ସର୍ବମୋଟ ୧୦୬ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା । ବିଭିନ୍ନ ଶିଳ୍ପ, ବନ୍ଦର ଉପଭୋକ୍ତା, ଶିକ୍ଷାନୁଷ୍ଠାନ ଏବଂ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ ମାନଙ୍କ ସମେତ ପାରାଦୀପର ଜନସାଧାରଣ ଉତ୍ସାହର ସହିତ ଏହି ଶିବିରରେ ଯୋଗ ଦେଇ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ ।






# ପାରାଦୀପ ବନ୍ଦର ପକ୍ଷରୁ ୪୫ତମ ବିଶ୍ୱ ମେରିଟାଇମ ଦିବସ ପାଳିତ




ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ୪୫ ତମ ବିଶ୍ୱ ମେରିଟାଇମ (ସାମୁଦ୍ରିକ) ଦିବସ ବୁଧବାର ଦିନ କାଳିତ ହୋଇଯାଇଛି । ଏହି ଅବସରରେ ପାରାଦୀପ ବନ୍ଦର ଉପସଂରକ୍ଷକ କ୍ୟାପ୍ଟେନ୍ ଏ.ସି.ସାହୁ ବନ୍ଦର ମେରାଇନ ପରିସରରେ ବିଶ୍ୱ ମେରିଟାଇମ ପତାକା ଉତୋଳନ କରିଥିଲେ । ଏହି ପରିପ୍ରେକ୍ଷିରେ ଓଡିଶା ମେରିଟାଇନ ଏକାଡେମି ଛାତ୍ରମାନଙ୍କ ଦ୍ୱାରା ଏକ ସଚେତନତା ର୍‍ୟାଲି ବନ୍ଦର ସହର ପରିକ୍ରମା କରିଥିଲା । ସଂନ୍ଧ୍ୟାରେ ଅଫିସର୍ସ କ୍ଲବରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଓଡିଶା ମେରିଟାଇମ ଏକାଡେମି ର ଅଧ୍ୟକ୍ଷ ମାନସ ବେଉରିଆ ଏବଂ ପାରାଦୀପ ବନ୍ଦର ମେରାଇନ ବିଭାଗର ବରିଷ୍ଠ ଯନ୍ତ୍ରୀ ବାବୁଲ ସକ୍‌ଦାର ଯୋଗ ଦେଇ ଏହି ଦିବସ ପାଳନ ସମ୍ପର୍କରେ ଆଲୋକପାତ କରିଥିଲେ ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray